## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ



**ବାଲିଚନ୍ଦ୍ରପୁର,୬।୯(ଗିରିଜା ପ୍ରସାଦ ସାହୁ)**

ବାଲିଚନ୍ଦ୍ରପୁର ଥାନା ଅଧୀନ ଅଚ୍ୟୁତବସନ୍ତ ଗ୍ରାମର ସ୍ୱର୍ଗତ କାଞ୍ଚନ ମଲିକଙ୍କ ସ୍ତ୍ରୀ କନକଲତା(୫୫)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି । ବୁଧବାର ସକାଳେ ସେ ଶୌଚହେବା ପାଇଁ ନିକଟସ୍ଥ ପଡ଼ିଆକୁ ଯାଇଥିଲେ। ଏହି ସମୟରେ ଏକ ସାପ କାମୁଡ଼ି ଦେବାରୁ ସେ ଚିତ୍କାର କରିଥିଲେ। ତାଙ୍କ ସାଙ୍ଗରେ ଥିବା ଅନ୍ୟ ଜଣେ ମହିଳା ଗ୍ରାମବାସୀଙ୍କୁ ଡାକି ଏକ ବାଇକ୍‌ରେ ବଡ଼ଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରୁ ତାଙ୍କ କଟକ ବଡ଼ମେଡ଼ିକାଲ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କୁ ପୁଣି ଥରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଫେରାଇ ଅଣାଯାଇଥିଲା। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବଡ଼ଚଣା ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, କନକଲତାଙ୍କ ସ୍ୱାମୀ କାଞ୍ଚନ ମଲିକ ୨ ମାସ ତଳେ କର୍କଟ ରୋଗରେ ପୀଡ଼ିତ ହୋଇ ପ୍ରାଣ ହରାଇଥିଲେ। କନକଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ବେସାହାରା ହୋଇପଡ଼ିଛି। ଉକ୍ତ ପରିବାରକୁ ସର୍ପାଘାତ ମୃତ୍ୟୁ ଜନିତ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ଟ୍ରକ ପଛରେ ପିଟି ହେଲା ସଫାରି, ୪ ଆହତ

**ଧର୍ମଶାଳା,୬।୯ (ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ ନେଉଳପୁର ଛକରେ ବୁଧବାର ଭୋର ସମୟରେ ରାସ୍ତାରେ ଛିଡା ହୋଇଥିବା ଏକ ଟ୍ରକ ପଛରେ ସଫାରି କାର ଧକ୍କା ହେବା ଫଳରେ ୪ ଜଣ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ସୂଚନା ଅନୁଯାୟୀ, ଏକ ଟ୍ରକ(ନଂ. ଓଡି-୧୬ ଇ-୫୧୦୧) ନେଉଳପୁର ଛକରେ ଛିଡା ହୋଇଥିଲା। କଲିକତାରୁ କଟକ ଯାଉଥିବା ଏକ ସଫାରି କାର(ନଂ.ଡବ୍ଲୁ ଡି-୦୬ଇ-୦୦୮୭) ଭାରସାମ୍ୟ ହରାଇ ଟ୍ରକ ପଛରେ ପିଟି ହୋଇଯାଇଥିଲା। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ କାରରେ ଥିବା ୩ ଜଣଙ୍କୁ ଉଦ୍ଧାର କରିଥିଲେ । ପଶ୍ଚିମବଙ୍ଗ ନଦିଆ ଜିଲା କଲ୍ୟାଣୀ ନଗରର ଟିକନ ସାହା(୪୦)ଙ୍କୁ ଦମକଳ ବାହିନୀ କଟରରେ କାଟି ବାହାର କରିଥିଲେ। ଆହତ ୪ ଜଣଙ୍କ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସମସ୍ତଙ୍କୁ କଟକ ବଡ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି।

# ପ୍ରତି ପଞ୍ଚାୟତରେ ବ୍ୟାଙ୍କ ଖୋଲିବା ପ୍ରକ୍ରିୟା ଆରମ୍ଭ

## ପ୍ରଥମ ପର୍ଯ୍ୟାୟରେ ରସୁଲପୁର ବ୍ଲକର ୧୪ ପଞ୍ଚାୟତରେ ବ୍ୟାଙ୍କ

**ରସୁଲପୁର,୬।୯(ରଞ୍ଜିତ ରାଉତ)**

ଲୋକମାନଙ୍କ ପାଇଁ ବ୍ୟାଙ୍କିଙ୍ଗ ସୁବିଧା ଅପରିହାର୍ଯ୍ୟ ହୋଇପଡିଛି । ଗରିବଠାରୁ ଧନୀ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତଙ୍କୁ ବ୍ୟାଙ୍କ ଉପରେ ନିର୍ଭର କରିବାକୁ ପଡୁଛି । ଏଭଳି ସ୍ଥିତିରେ ପ୍ରତ୍ୟେକ ପଞ୍ଚାୟତରେ ବ୍ୟାଙ୍କ ଶାଖା ଖୋଲିବା ସରକାରଙ୍କ ମୂଳ ଲକ୍ଷ୍ୟ ହୋଇଛି । ଏଦିଗରେ ଯାଜପୁର ଜିଲା ରସୁଲପୁର ବ୍ଲକ ସ୍ଥିତିକୁ ଦେଖିଲେ ଏହି ବ୍ଲକ ଅଧୀନ ୨୮ ପଞ୍ଚାୟତ ମଧ୍ୟରୁ ଜାବରା, ବଡକଇଁଚି, ମୁଗୁପାଳ, ବାରବାଟୀ, ନରସିଂହପୁର, ବ୍ରହ୍ମବରଦା ଭଳି ୬ ପଞ୍ଚାୟତରେ ବ୍ୟାଙ୍କ ଶାଖା ରହିଛି । ବାକି ୨୨ ପଞ୍ଚାୟତରୁ ପ୍ରଥମ ପର୍ଯ୍ୟାୟରେ ୧୪ ପଞ୍ଚାୟତରେ ନୂତନ ବ୍ୟାଙ୍କ ଶାଖା ଖୋଲିବା ପାଇଁ ସ୍ଥିର କରାଯାଇଛି । ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ବିଭିନ୍ନ ବ୍ୟାଙ୍କିଙ୍ଗ୍ ସଂସ୍ଥାର ଅଧିକାରୀମାନେ ପଞ୍ଚାୟତରୁ ଅନ୍ୟ ପଞ୍ଚାୟତକୁ ବୁଲି ବ୍ୟାଙ୍କ ଶାଖା ଖୋଲିବା ପାଇଁ ଆବଶ୍ୟକ ଭିତ୍ତିଭୂମି ପରଖୁଛନ୍ତି । ଅନୁକୂଳ ଭିତ୍ତିଭୂମି ଥିବା ପଞ୍ଚାୟତରେ ଖୁବ୍‌ଶୀଘ୍ର ବ୍ୟାଙ୍କ ଶାଖା ଖୋଲିବା ଆଶା ଉଜ୍ଜ୍ୱଳ ହୋଇଛି । ଏହି ବ୍ୟାଙ୍କ ଶାଖାଗୁଡ଼ିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି । ପୂର୍ବରୁ ବ୍ୟାଙ୍କ ନ ଥିବା ପଞ୍ଚାୟତରେ ନୂତନ ଶାଖା ଖୋଲିବାକୁ ପଞ୍ଚାୟତର ଜନପ୍ରତିନିଧି, ଜନସାଧାରଣ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି।



ବ୍ୟାଙ୍କ ସ୍ଥିତି ଅନୁଧ୍ୟାନ କରିବାକୁ ପଞ୍ଚାୟତକୁ ଆସିଥିବା ପ୍ରତିନିଧି ।

ବ୍ୟାଙ୍କ ଶାଖା କେବଳ ସହର ଓ ବଜାରରେ ଉପଲବ୍ଧ ହେଉଥିଲା । ଆଗରୁ ଯେମିତି ବ୍ୟାଙ୍କଗୁଡିକ ଧନୀବ୍ୟକ୍ତିମାନଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ମନେ ହେଉଥିଲା। ପଞ୍ଚାୟତରେ ବ୍ୟାଙ୍କ ଖୋଲିବା ନିଷ୍ପତ୍ତି ଏବେ ଏହିଭଳି ସଂଜ୍ଞାରେ ପରିବର୍ତ୍ତନ ଆଣିବାକୁ ଯାଉଛି । ପ୍ରତ୍ୟେକ ବ୍ୟକ୍ତି ପାଇଁ ବ୍ୟାଙ୍କ ଅପରିହାର୍ଯ୍ୟ ହୋଇପଡିଛି । ସରକାରଙ୍କ ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର(ଡିବିଟି) ଓ ଆଧାର ବେସ୍‌ଡ ପେମେଣ୍ଟ ସିଷ୍ଟମ(ଏବିପିଏସ୍) ସାଧାରଣ ଲୋକଙ୍କୁ ବ୍ୟାଙ୍କ ମୁହାଁ କରାଇ ଦେଇଛି । ସରକାରଙ୍କ ସମସ୍ତ ସୁବିଧା ବ୍ୟାଙ୍କ ଜରିଆରେ କାରବାର ହେଉଛି । ସାମାଜିକ ସୁରକ୍ଷା ହିତାଧିକାରୀଙ୍କ ସହାୟତା, ଏମ୍‌ଜିଏନ୍‌ଆରଇଜିଏସ୍ ବାବଦକୁ ମଜୁରୀ, କୃଷକମାନଙ୍କ ପାଇଁ ଉପଲବ୍ଧ ସରକାରୀ ରିହାତି, ଧାନ ମଣ୍ଡିରେ କାରବାର ଅର୍ଥ, ସରକାରୀ ଆବାସ ଯୋଜନା ଅର୍ଥ ଭଳି ଯାବତୀୟ ସରକାରୀ ସୁବିଧା ସୁଯୋଗ ପାଇଁ ରହିଥିବା ରିହାତି ଅର୍ଥରାଶି ସିଧାସଳଖ ହିତାଧିକାରୀମାନଙ୍କ ଜମାଖାତାକୁ ପଠାଯାଉଛି । ଉକ୍ତ ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା ପାଇଁ ଅଧିକାଂଶ ବ୍ୟକ୍ତିଙ୍କ ନାମରେ ବ୍ୟାଙ୍କ ଜମାଖାତା ରହିଛି । ଏମିତିକି ଗରିବ ଲୋକମାନଙ୍କ ପାଇଁ ବିଭିନ୍ନ ବ୍ୟାଙ୍କିଙ୍ଗ ସଂସ୍ଥା ପକ୍ଷରୁ ବିନା ଅର୍ଥରାଶି ଜମାରେ ଖାତା ଖୋଲିବାର ସୁବିଧା ଦିଆଯାଉଛି। ଜମାଖାତାରେ କାରବାର ପାଇଁ ହିତାଧିକାରୀମାନଙ୍କୁ ଦୂରଦୂରାନ୍ତରେ ଥିବା ବ୍ୟାଙ୍କଗୁଡିକର ସହାୟତା ନେବାକୁ ପଡୁଛି। ଏହିଭଳି ସ୍ଥିତି ବର୍ଷିୟା ହିତାଧିକାରୀମାନଙ୍କ ପାଇଁ ଅସୁବିଧାରେ ପକାଉଛି । ଚାଷୀ, ଦିନ ମଜୁରିଆଙ୍କୁ ପଞ୍ଚାୟତ ବାହାରେ ଥିବା ବ୍ୟାଙ୍କକୁ ଯା-ଆସ କରିବା ଆଳରେ ଦୈନନ୍ଦିନ କାର୍ଯ୍ୟରେ ବାଧା ଉପୁଜୁଛି । ଏହିଭଳି ଅସୁବିଧାରେ ସୁଧାର ଆଣିବା ପାଇଁ ବ୍ୟାଙ୍କ ଖୋଲାଯିବାକୁ ନିଷ୍ପତ୍ତି ନିଆଯାଇଛି। ତେବେ ଏଥି ସକାଶେ ପଞ୍ଚାୟତ ପକ୍ଷରୁ ଭିତ୍ତିଭୂମି ଯୋଗାଇ ଦିଆଯାଉଛି । ଯେଉଁ ପଞ୍ଚାୟତରେ ଅନୁକୂଳ ଭିତ୍ତିଭୂମି ରହିଛି ସେ ସବୁ ପଞ୍ଚାୟତରେ ଆଗ ବ୍ୟାଙ୍କ ଖୋଲିବ। ପଞ୍ଚାୟତ ପକ୍ଷରୁ ଭଡା ସୂତ୍ରରେ ବ୍ୟାଙ୍କକୁ ଦିଆଯାଉଥିବା ଘର ଗୁଡିକୁ ରଙ୍ଗ କରିବା, ଆଲୋକକୀକରଣ, ପାଣି ଭଳି ମୌଳିକ ସୁବିଧାକୁ ପ୍ରାଥମିକତା ଦିଆଯାଉଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ବ୍ୟୟବରାଦ କରାଯାଇଛି । ବ୍ୟାଙ୍କ ଶାଖା ଖୋଲିବା ପାଇଁ ଦିଆଯାଇ ଥିବା ଘରର ଚାବିକୁ ସରପଞ୍ଚମାନେ ବ୍ଲକ ପ୍ରଶାସନକୁ ହସ୍ତାନ୍ତର କରିଥିବା ଜଣାଯାଇଛି । ବ୍ଲକ ପ୍ରଶାସନ ଓ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ତରଫରୁ ମିଳିତ ଭାବେ ବିଭିନ୍ନ ସମୟରେ ଘର ଗୁଡିକର ମରାମତି କାର୍ଯ୍ୟକୁ ତଦାରଖ କରାଯାଉଛି। ବ୍ୟାଙ୍କ ପକ୍ଷରୁ କେତେକ ପ୍ରାରମ୍ଭିକ କାର୍ଯ୍ୟ କରାଯାଇ ଶାଖା ଖୋଲିବା ପାଇଁ ପଦକ୍ଷେପ ନିଆଯାଉଛି। ମୋଟାମୋଟି ଭାବେ କହିବାକୁ ଗଲେ ପଞ୍ଚାୟତଗୁଡିକ ପକ୍ଷରୁ ବ୍ୟାଙ୍କକୁ ନେଇ ଦୀର୍ଘଦିନ ହେବ ରହିଥିବାର ଅପେକ୍ଷାର ଅନ୍ତ ଖୁବ୍ ଶୀଘ୍ର ଘଟିବ ବୋଲି ଆଶାପୋଷଣ କରାଯାଉଛି ।

## ଧାନମଣ୍ଡଳ ସରସ୍ୱତୀ ଶିଶୁମନ୍ଦିରରେ ଜନ୍ମାଷ୍ଟମୀ ପାଳିତ



ଶ୍ରୀକୃଷ୍ଣଙ୍କ ବେଶ ହୋଇଥିବା ଛାତ୍ରୀଛାତ୍ରଙ୍କ ଗହଣରେ ଗୁରୁମା, ଗୁରୁଜୀ ।

**ଚଣ୍ଡିଖୋଲ,୬।୯(ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବୁଧବାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଭଗବାନ ଶ୍ରୀକୃଷ୍ଣ ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଆଚାର୍ଯ୍ୟା କବିତା ମଞ୍ଜରୀ ଜେନା, ମିନାକ୍ଷୀ ସାହୁ, ସ୍ୱର୍ଣ୍ଣପ୍ରଭା ସାହୁଙ୍କ ଦ୍ୱାରା ଭାଗବତ ପାଠ ଓ କୃଷ୍ଣ ବନ୍ଦନା କରାଯିବା ପରେ ଛାତ୍ରୀଛାତ୍ରମାନଙ୍କୁ କୃଷ୍ଣଙ୍କ ଲୀଳାଖେଳା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଦ୍ୟାଳୟ ପକ୍ଷରୁ କୃଷ୍ଣଲୀଳା ଉପରେ ସାଧାରଣ ଜ୍ଞାନ, କୁଇଜ, ବକ୍ତୃତା 'ଜନ୍ମ ବୃତ୍ତାନ୍ତ' ଆଦି ପ୍ରତିଯୋଗୀତାରେ ୭୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ବିଚାରକ ଭାବେ ବିଦ୍ୟାଳୟର ଆଚାର୍ଯ୍ୟ, ମାନଗୋବିନ୍ଦ ପ୍ରଧାନ, ପ୍ରଶାନ୍ତ ପାତ୍ର ଭାଗନେଇଥିବା ଛାତ୍ରୀତଛାତ୍ରଙ୍କୁ ପ୍ରଭୁ ଶ୍ରୀକୃଷ୍ଣ ଉପରେ ପ୍ରଶ୍ନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅକ୍ଷୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଖବରଦାତା ତ୍ରୈଲୋକ୍ୟ ନାୟକ, ସମ୍ମାନୀତ ଅତିଥି ଭାବେ ସହ ପ୍ରଧାନ ଆଚାର୍ଯ୍ୟା ଗୀତାଞ୍ଜଳୀ ଜେନା, ବରିଷ୍ଠ ଆଚାର୍ଯ୍ୟା ଗାୟତ୍ରୀ ପୃଷ୍ଟି, ଯୋଗଦେଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୋନାଲି କାନୁନଗୋ, ସୁପ୍ରିୟା ସ୍ୱାଇଁ, ମୋନାଲିସା ସାମଲ, ହେମଲତା ନାୟକ, ଅରୁଣିମା କାନୁନଗୋ, ସୁଜାତା ଶତପଥୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁମା ଗୁରୁଜୀ ପରିଚାଳନାରେ ସହଯୋଗ କରିଥିଲେ ।

## ଯୁବକଙ୍କ ମୃତ୍ୟୁକୁ ୫ ଦିନ ବିତିଲା, ପୋଲିସ ଚୁପ୍

### ନ୍ୟାୟ ନ ମିଳିଲେ ଥାନା ସମ୍ମୁଖରେ ଆତ୍ମାହୁତି ଦେବେ ପରିବାର ଲୋକେ

**ଯାଜପୁର ଟାଉନ,୬।୯ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି) :**

ଗତ ୨ ତାରିଖରେ ଯାଜପୁର ମେଡିକାଲ କଲେଜ ନିକଟରେ ନୂତନ ଭାବେ ନିର୍ମାଣ ଚାଲିଥିବା ପୌରପାଳିକା କାର୍ଯ୍ୟାଳୟ କୋଠରୀରୁ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଥିଲା। ଯୁବକଙ୍କ ପରିବାର ପକ୍ଷରୁ ତାଙ୍କୁ ହତ୍ୟା କରାଯାଇଛି ବୋଲି ମୃତ ସେକ୍ ଗୁଲୁଙ୍କ ବାପା ସେକ୍ ସୋଲି ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ସେକ୍ ଗୁଲୁ ରେଡ୍‌କ୍ରସ ଛକରେ ଘରଭଡ଼ା ନେଇ ରହୁଥିଲେ। ସେ ବ୍ୟବସାୟ କରିବା ପାଇଁ ତାଙ୍କ ଠାରୁ ଜମି ବିକ୍ରି ଟଙ୍କାରୁ ୧୦ଲକ୍ଷ ଟଙ୍କା ନେଇଥିଲେ। ସେହି ଟଙ୍କାରେ ସେ ବିରିଆନି ଦୋକାନ କରିଥିଲେ। ଗତ ୧ ତାରିଖ ଦିନ ତାରାମଦନ ଗ୍ରାମର ଶେଖ୍ ଗୋରା, ରେଡ୍‌କ୍ରସ ଛକର ଆକ୍ରମ ଖାଁ, ଶେଖ ରୋହିତ୍‌ଙ୍କ ସମେତ ଅନ୍ୟ କେତେକ ରାତି ୮ଟା ସମୟରେ ଗୁଲୁଙ୍କୁ ଡ଼ାକିନେଇ ମେଡିକାଲ କଲେଜ ନିକଟରେ ନୂତନ ଭାବେ ନିର୍ମାଣ ଚାଲିଥିବା ପୌରପାଳିକା କାର୍ଯ୍ୟାଳୟର ଉପର ମହଲାକୁ ଯାଇଥିଲେ । କୌଣସି କାରଣରୁ ତାଙ୍କୁ ସେଠାରେ ପୂର୍ବ ଯୋଜନା ଅନୁଯାୟୀ ହତ୍ୟା କରିଛନ୍ତି ବୋଲି ଦର୍ଶାଯାଇଛି । ଏହି ଅଭିଯୋଗକୁ ଭିତ୍ତିକରି ଯାଜପୁର ଥାନା ଅଧିକାରୀ ଏକ ମାମଲା(ନଂ.୩୨୬/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।



ଖବରଦାତା ସମ୍ମିଳନୀରେ ମୃତ ଯୁବକଙ୍କ ପରିବାର ଲୋକେ ।

ମୃତକଙ୍କ ପରିବାର ପକ୍ଷରୁ ବୁଧବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ପୁଅର ମୃତ୍ୟୁକୁ ୫ ଦିନ ବିତିଥିଲେ ମଧ୍ୟ ଏପର୍ଯ୍ୟନ୍ତ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଆଗାମୀ ୫ ଦିନ ମଧ୍ୟରେ ପୋଲିସ ଯଦି ଅଭିଯୁକ୍ତଙ୍କୁ ଗିରଫ ନ କରେ ଯାଜପୁର ଥାନା ସମ୍ମୁଖରେ ମୃତ ସେକ୍ ଗୁଲୁଙ୍କ ସ୍ତ୍ରୀ ରୋଜି ପରଭିନ୍‌ଙ୍କ ସମେତ ପରିବାର ଲୋକେ ଆତ୍ମାହୁତି ଦେବ ବୋଲି ଚେତାବନୀ ଦେଇଛନ୍ତି । ଏ ସଂକ୍ରାନ୍ତରେ ଯାଜପୁର ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀଙ୍କୁ ପଚାରିବାରେ ତଦନ୍ତ ଜାରି ରହିଛି । ପୋଷ୍ଟମର୍ଟମ୍ ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି ।

### ଯୁବତୀଙ୍କ ଫଟୋ ପୋଷ୍ଟ କରି ଯୁବକ ଗିରଫ

**ପାଟଣା,୬।୯(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବାଉଁଶୁଳି ପଞ୍ଚାୟତ ଅଞ୍ଚଳର ଜଣେ ଯୁବତୀଙ୍କ ଫଟୋକୁ ଅଶ୍ଳୀଳ ଗୀତ ସଂଯୋଗ କରି ସୋସିଆଲ ମିଡିଆରେ ଭାଇରାଲ ଅଭିଯୋଗରେ ବୁଧବାର ତୁରୁମୁଙ୍ଗା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନ ଗରିପୁର ଗ୍ରାମର ସୁବାଷ ଚନ୍ଦ୍ର ଦାସ(୩୫)। ପୋଲିସ ସୂଚନା ଅନୁଯାୟୀ, ୨୦୨୦ରୁ ଉଭୟ ତାମିଲନାଡୁରେ ରହୁଥିବା ବେଳେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରେ ଉଭୟଙ୍କ ବିବାହ କୋର୍ଟରେ କରିବାକୁ ଝିଅଙ୍କ ଭାଇ ନିଷ୍ପତ୍ତି ନେଇଥିଲେ ହେଁ ଝିଅ ବିବାହ କରିବାକୁ ବାରଣ କରିଥିଲେ। ଗୋବିନ୍ଦ ରାଗରେ ସୋସିଆଲ ମିଡିଆରେ ଯୁବତୀଙ୍କ ଫଟୋ ପୋଷ୍ଟ କରି ବିଭିନ୍ନ ଅଶ୍ଳୀଳ ଗୀତ ଓ ମନ୍ତବ୍ୟ ଲେଖିଥିଲେ। ଏନେଇ ଯୁବତୀ ତୁରୁମୁଙ୍ଗା ଥାନାର ଦ୍ୱାରସ୍ଥ ହୋଇଥିଲେ। ତୁରୁମୁଙ୍ଗା ଥାନାରେ ଏକ ମାମଲା (ନଂ.୧୨୮/୨୩)ରେ ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଇନ୍ଦ୍ରଜିତ ବେହେରା କହିଛନ୍ତି।

## ଡ୍ରାଇଭର ମହାସଂଘ ଜେନାପୁର ଶାଖାର ପ୍ରତିଷ୍ଠା ଦିବସ





ପ୍ରତିଷ୍ଠା ଦିବସ ସମାରୋହରେ ମଞ୍ଚାସୀନ ଡ୍ରାଇଭର ମହା ସଂଘର କର୍ମକର୍ତ୍ତା।

**ଜେନାପୁର,୬।୯(ଅଶୋକ ଦାସ)**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜେନାପୁର ଲକ୍ ବଜାର ଛକ ନିକଟରେ ଓଡ଼ିଶା ଡ୍ରାଇଭର ମହାସଂଘର ଜେନାପୁର ପଞ୍ଚାୟତ ଡ୍ରାଇଭରମାନଙ୍କ ଦ୍ୱାରା ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଧର୍ମଶାଳା ବ୍ଲକ ସଭାପତି ଲୋକନାଥ ପୁରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଡ୍ରାଇଭର ମହାସଂଘର ରାଜ୍ୟ ସହସମ୍ପାଦକ ତଥା ଯାଜପୁର ଜିଲା ସଭାପତି ମାନସ ଦେବତା ଯୋଗ ଦେଇଥିଲେ। ସମ୍ପାଦକ ଅମୂଲ୍ୟ ମଲିକ, ଯାଜପୁର ପୌରାଞ୍ଚଳର ଉପସଭାପତି ଜଲାଲ ଭାଇ,ଧର୍ମଶାଳା ବ୍ଲକ ଉପସଭାପତି ସତ୍ୟବ୍ରତ ନାୟକ, ସଂଯୋଜକ ସୁଶାନ୍ତ ସ୍ୱାଇଁ, ଉପଦେଷ୍ଟା ବିଜୟ ବେହେରା,ସହ ସମ୍ପାଦକ ବସନ୍ତ କୁମାର ପରିଡ଼ା ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଡ୍ରାଇଭରମାନଙ୍କ ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ଖବରଦାତା ବାବୁଲି ରାଉତ,ଅଶୋକ ଦାସ, ଚିତ୍ରସେନ ନାଥ, ବସନ୍ତ ମଲିକ, ସୁନୀଲ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜେନାପୁର ପଞ୍ଚାୟତ ସଭାପତି ଯୋଗେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବନ୍ଧୁକ ଦେଖାଇ ଟଙ୍କା ଲୁଟ

**ବୈଶିଙ୍ଗା,୬।୯(ରତନ ଦାଶ)**

ବୈଶିଙ୍ଗା ଥାନା ଅଞ୍ଚଳରେ ଦୁର୍ବୃତ୍ତମାନେ ବନ୍ଧୁକ ଓ ଭୁଜାଲି ଦେଖାଇ ଜଣେ ବ୍ୟକ୍ତିଙ୍କଠାରୁ ୩୩,୩୨୬ ନଗଦ ଟଙ୍କା ସମେତ ଟାବଲେଟ ଓ ବାୟୋମେଟ୍ରିକ ସ୍କାନରକୁ ଲୁଟିନେଇଛନ୍ତି। ସୂଚନା ଅନୁଯାଇ ସ୍ଥାନୀୟ ଅଞ୍ଚଳର ଏକ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟରତ କର୍ମଚାରୀ ମାହାଙ୍ଗା ଥାନା ଅଞ୍ଚଳର ହାଡ଼ିଦାସ ସ୍ୱାଇଁ ମଙ୍ଗଳବାର ସନ୍ଧ୍ୟାରେ ଆଖପାଖ ଗ୍ରାମରୁ ଋଣ ଟଙ୍କାର କିସ୍ତି ସଂଗ୍ରହ କରି ଅଁଳାରୁ ବୈଶିଙ୍ଗା ଅଫିସ ଆସୁଥିଲେ। ଆମ୍ବଗଡ଼ିଆ -ଖଡ଼ିକାପଦା ରାସ୍ତାର ଏକ ନିଛାଟିଆ ଜାଗାରେ ହଠାତ ବାଇକ୍‌ରେ ୩ ଦୁର୍ବୃତ୍ତ ଆସି ଲୁଟ୍ କରିଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ

**କାଏମା,୬।୯(ଶିବପ୍ରସାଦ ମହାନ୍ତି)**

ଧର୍ମଶାଳା ବ୍ଲକ କାଏମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ ରୀତାରାଣି ସ୍ୱାଇଁ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଇ.ଚିତ୍ତରଞ୍ଜନ ମଲିକ, ଆଚାର୍ଯ୍ୟ ଅଜିତ କୁମାର ରାଉତ ଓ ସମସ୍ତ ଗୁରୁମା,ଗୁରୁଜୀ ଉପସ୍ଥିତରେ ପ୍ରାୟ ୨ଶହ ଛାତ୍ରୀଛାତ୍ର ଶ୍ରୀକୃଷ୍ଣ,ରାଧା,ବଳରାମ ବେଶରେ ବିଦ୍ୟାମନ୍ଦିରକୁ ଆସିଥିଲେ। ସେଠାରେ ଭଗବାନ ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ଛାତ୍ରୀଛାତ୍ର, ଗୁରୁମା,ଗୁରୁଜୀ ସଂକୀର୍ତ୍ତନ ମଣ୍ଡଳୀ ସହ ଗ୍ରାମ ପରିକ୍ରମା କରିଥିଲେ। ଡିଗିରିପଡ଼ିଆ ଗ୍ରାମରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରରେ ଛାତ୍ରୀଛାତ୍ରମାନେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ।

### ଜାଲରେ ଫସିଲା ୬ ଫୁଟ ଲମ୍ବ ଅଜଗର



**ନୀଳଗିରି, ୬।୯(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା କୁଲଡ଼ିହା ଅଭୟାରଣ୍ୟରୁ ଏକ ୬ ଫୁଟ ଲମ୍ବର ଅଜଗର ଆସି ବୁଧବାର ନୀଳଗିରି ପଞ୍ଚଲିଙ୍ଗେଶ୍ୱର ନିକଟ ଶ୍ରୀଦେଇପୁର ଗ୍ରାମର ଗୁରୁପ୍ରସାଦ ଗିରିଙ୍କ ଘର ବାଡ଼ିରେ ଥିବା ଜାଲରେ ଛନ୍ଦି ହୋଇପଡିଥିଲା। ଏନେଇ ଗୁରୁପ୍ରସାଦ ସାପ ଧରାଳି ତଥା ଟୁରିଷ୍ଟ ଗାଇଡ଼ ମନୋରଞ୍ଜନ ଦାସଙ୍କୁ ଖବର ଦେଇଥିଲେ। ମନୋରଞ୍ଜନ ଘଟଣାସ୍ଥଳରେ ପହଞ୍ଚି ସାପକୁ ଉଦ୍ଧାର କରି ପଞ୍ଚଲିଙ୍ଗେଶ୍ୱର ଜଙ୍ଗଲରେ ଛାଡ଼ି ଦେଇଛନ୍ତି।



କାଏମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଜନ୍ମାଷ୍ଟମୀ ଉତ୍ସବରେ ଶ୍ରୀକୃଷ୍ଣ ଓ ରାଧା ବେଶଧାରୀ ଛାତ୍ରୀଛାତ୍ର।

## ଜନ୍ମାଷ୍ଟମୀ, ନନ୍ଦୋତ୍ସବ ପାଇଁ ରସୁଲପୁର ଉତ୍ସବମୁଖର

**ରସୁଲପୁର,୬।୯(ରଞ୍ଜିତ ରାଉତ)**

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତର ମାଣତୀର, ଭୋଟକା ପଞ୍ଚାୟତର ଇଚ୍ଛାପୁର, ନଠୁଆବର ପଞ୍ଚାୟତର କୃଷ୍ଣପଡା ଭଳି ବିଭିନ୍ନ ଗ୍ରାମରେ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପର୍ବ ପାଳିତ ହୋଇଯାଇଛି । ବିଶେଷକରି ଗୋପାଳ ସମ୍ପ୍ରଦାୟ ପକ୍ଷରୁ ଏହି ପର୍ବକୁ ଯାକଜମର ସହ ପାଳନ ହେଉଛି । ମାଣତୀର ଓ ଇଚ୍ଛାପୁର ଗ୍ରାମରେ ଏହି ଉତ୍ସବକୁ ଗଣପର୍ବ ଭାବେ ୫ଦିନ ବ୍ୟାପୀ ପାଳନ କରାଯିବାର କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି । ପର୍ବକୁ ନେଇ ମାଣତୀର ଗ୍ରାମରେ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି ପର୍ବ ଅବସରରେ ବୁଧବାର ପ୍ରତ୍ୟୁଷରୁ ଗ୍ରାମର ଜଗନ୍ନାଥ ମନ୍ଦିରରେ ଜନ୍ମାଷ୍ଟମୀ ପର୍ବ ପାଳନ କରାଯାଇଥିଲା । ମଦନ ମୋହନ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ପୂଜା କାର୍ଯ୍ୟକ୍ରମକୁ ପଣ୍ଡିତ ପଦ୍ମନାଥ ଶତପଥୀ ପରିଚାଳନ କରିଥିଲେ। ପୁରାଣ ବର୍ଣ୍ଣିତ କୃଷ୍ଣ ଜନ୍ମ, ଲୀଳାଖେଳା, ଧର୍ମ ରକ୍ଷା ଦିଗରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଭୂମିକା ଆଦି ଉପରେ ଆଧାରିତ ପୂଜା ବିଧିକୁ ପାଳନ କରାଯାଇଥିଲା । ପ୍ରତ୍ୟୁଷରେ ମନ୍ଦିରରେ ଘଟ ସ୍ଥାପନ, ସୂର୍ଯ୍ୟପୂଜା, ଗୋ-ପୂଜା, ବେଦପାଠ, ଗାୟତ୍ରୀ ମନ୍ତ୍ର ଆଦି କାର୍ଯ୍ୟର ପୂଜା ଆରମ୍ଭ ହୋଇଥିଲା।



ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରତିଭା ଅନ୍ୱେଷଣ, ଗ୍ରାମ ସଫେଇ, ଚାରା ରୋପଣ, ଦରିଦ୍ର ନାରାୟଣ ସେବା, ଗ୍ରାମବାସୀମାନଙ୍କ ମଧ୍ୟରେ ମିଷ୍ଟାନ ବଣ୍ଟନ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଜରିଆରେ ସ୍ଥାନୀୟ ଅଞ୍ଚଳର ୮ ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କୁ ନେଇ ଜଣାଅଜଣା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ପ୍ରଥମରୁ ସପ୍ତମ ଶ୍ରେଣୀର ବିଦ୍ୟାର୍ଥୀମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଓଡଙ୍ଗ ସରକାରୀ ରୂପାନ୍ତରିକରଣ ଉଚ୍ଚ ବିଦ୍ୟାଳୟ ପ୍ରଥମ, ସ୍ୱପ୍ନେଶ୍ୱର ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର-କଲଣ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଏଠାରେ ଆୟୋଜିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇ ଥିଲା । ସକାଳ ଓ ସନ୍ଧ୍ୟା ସମୟରେ ସଂକୀର୍ତ୍ତନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ସ୍ଥାନରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ କୃଷ୍ଣଙ୍କ ଉପରେ ଆଧାରିତ ନାନା ପ୍ରକାରର ସଂକୀର୍ତ୍ତନ ପରିବେଷଣ କରିଥିଲେ । ସନ୍ଧ୍ୟାରେ ସାଂସ୍କୃତିକ ମଞ୍ଚରେ ଯାଦୁ ବିଦ୍ୟା ପ୍ରଦର୍ଶନ, ଗାଁର ଶିଶୁ କଳାକାରମାନଙ୍କ ଦ୍ୱାରା ଗୀତିନାଟ୍ୟ ''ଜନ୍ମାଷ୍ଟମୀ'' ପରିବେଷଣ କରାଯାଇ ଥିଲା । ରାଧା, କୃଷ୍ଣ, ବଳରାମ, ସୁଦାମା, ଗୋପପୁରବାସୀଙ୍କ ବେଶରେ ପିଲାମାନଙ୍କ ମନୋରମ ବେଶ ସମସ୍ତଙ୍କୁ ଆନନ୍ଦିତ କରିଥିଲା। ଏଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷାବିତ୍ ଅଇଁଠୁ ଚରଣ ପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଶିକ୍ଷକ ନିରଞ୍ଜନ ଶତପଥୀ, ମନୋରଞ୍ଜନ ସର, ବିଚିତ୍ରାନନ୍ଦ ରାଉତ, ଅନୁଷ୍ଠାନର ସଭାପତି ପ୍ରମୋଦ ରାଉତ, ଉପ-ସଭାପତି ଅଚ୍ୟୁତାନନ୍ଦ ରାଉତ, ସମ୍ପାଦକ ରବିନ୍ଦ୍ର ମହାରଣା, ସହ-ସମ୍ପାଦକ ସୂର୍ଯ୍ୟମଣି ପ୍ରଧାନଙ୍କ ସମେତ ଗ୍ରାମର ଯୁବକମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ଇଚ୍ଛାପୁର ଠାରେ ଆୟୋଜିତ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପର୍ବକୁ ଗାଁର ନନ୍ଦୋତ୍ସବ କମିଟି ପକ୍ଷରୁ ପାଳନ କରାଯାଉଛି । ଗ୍ରାମବାସୀଙ୍କ ପକ୍ଷରୁ ପୁରୁଷାନୁକ୍ରମେ ଏହି ପର୍ବକୁ ପାଳନ କରାଯାଉଛି । ସନ୍ଧ୍ୟା ସମୟରେ ନାନା ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ପୂଜା ଅବସରରେ ପ୍ରଭୂଙ୍କ ନିକଟରେ ଘୃତଯଜ୍ଞ, ଅନ୍ନଯଜ୍ଞ, ମନ୍ତ୍ରଯଜ୍ଞ ସହ ପାରମ୍ପାରିକ ରୀତିନୀତିର ସହ ପୂଜାକାର୍ଯ୍ୟ ସମ୍ପନ୍ନ କରାଯାଉଛି।

**ସଂକ୍ଷେପରେ**

## ଲୁଣା ନଦୀରେ କୁମ୍ଭୀର, ଲୋକେ ଆତଙ୍କିତ

**ମାର୍ଶାଘାଇ, ୬।୯ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ):** ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ମଣିକୁଣ୍ଡା ପଞ୍ଚାୟତର କଷଟି ବାଲି ଗ୍ରାମ ନିକଟରେ ପ୍ରବାହିତ ଲୁଣା ନଦୀରେ ଏକ କୁମ୍ଭୀରକୁ ବୁଧବାର ଦେଖି ଲୋକମାନେ ଭୟଭୀତ ହୋଇପଡିଛନ୍ତି। ଅପରାହ୍ଣ ୧ଟାରେ କଷଟି ବାଲି ଗ୍ରାମର କୈଳାସ ବେହେରା ଲୁଣା ନଦୀକୁ ଗାଧୋଇବାକୁ ଯାଇଥିଲେ। ସେ ଗାଧୋଉଥିବା ବେଳେ ଦେଖିଲେ ଯେ, ପାଣି ଭିତରେ ଚିରା କାଟି କାଟି ତାଙ୍କ ଆଡକୁ ଗୋଟିଏ ସୁଅ ଆସୁଛି। ଭୟରେ ସେ ଉପରକୁ ଉଠି ଆସିଥିଲେ। ପଛକୁ ବୁଲି ଦେଖିବାରୁ ଏକ କୁମ୍ଭୀର ତାଙ୍କ ଆଡକୁ ଚାହିଁଛି। ସେ ଆହୁରି ଉପରକୁ ଯିବାପରେ କୁମ୍ଭୀର ମଧ୍ୟ କୂଳକୁ ଆସିଥିବା କୈଳାସ କହିଛନ୍ତି। ଖବରପାଇ ଗ୍ରାମର କେତେଜଣ ଲୋକ ନଦୀ କୂଳକୁ ଯାଇ ଦେଖିଲା ବେଳକୁ କୁମ୍ଭୀର ନଦୀ ଗର୍ଭକୁ ପଳାଇ ଯାଇଥିଲା। କୁମ୍ଭୀରର ଲମ୍ୱ ୮ରୁ ୧୦ଫୁଟ ହେବ ବୋଲି ସେ କହିଛନ୍ତି। ଏହି ଘଟଣା ପ୍ରଚାରିତ ହେବା ପରେ ନଦୀ ଉପରେ ନିର୍ଭର କରୁଥିବା ଲୋକମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି।

## ତଥ୍ୟ ନ ଦେବାରୁ ଏବିଇଓଙ୍କୁ ୨୦ ହଜାର ଜରିମାନା

### ରାଜ୍ୟ ସୂଚନା କମିଶନରଙ୍କ ରାୟ

**ପଟ୍ଟାମୁଣ୍ଡାଇ, ୬।୯(କଳ୍ପତରୁ ନାୟକ):** ଶିକ୍ଷାଗତ ଯୋଗ୍ୟତା ସମ୍ପର୍କୀୟ କେତେକ ତଥ୍ୟ ଯୁକ୍ତିଯୁକ୍ତ କାରଣ ନ ଥାଇ ସୂଚନା ଅଧିକାର ନିୟମ ଅନୁଯାୟୀ ତଥ୍ୟ ନ ନେବାରୁ ପଟ୍ଟାମୁଣ୍ଡାଇ ଏବିଇଓଙ୍କୁ ରାଜ୍ୟ ସୂଚନା କମିଶନର ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଅବେଦନ କାରୀ ଜ୍ୟୋତିପ୍ରକାଶ ପ୍ରଧାନଙ୍କୁ ଏବିଇଓ ତଥ୍ୟ ପ୍ରଦାନ ନ କରିବାରୁ ସେ ରାଜ୍ୟ ସୂଚନା କମିଶନରଙ୍କ ନିକଟରେ ଅପିଲ କରିଥିଲେ। କମିଶନର ବିକ୍ରମ ସେନାପତି ଏହାର ବିଚାର କରି ରାୟରେ ଏବିଇଓଙ୍କୁ ୨୦ ହଜାର ଟଙ୍କାର ଜରିମାନା କରିଛନ୍ତି। ସୂଚନା ଅଧିକାର ଆଇନ ଅନୁପାଳନ କରାଯାଇ ନ ଥିବା କାରଣରୁ ପଟ୍ଟାମୁଣ୍ଡାଇ ସହକାରୀ ବ୍ଲକ ଶିକ୍ଷାଧିକାରୀ ଚନ୍ଦ୍ରଶେଖର ତ୍ରିପାଠୀଙ୍କୁ ଦଣ୍ଡିତ କରାଯାଇଛି। ଏହା ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବପ୍ରଥମ ଘଟଣା ବୋଲି ଜ୍ୟୋତିପ୍ରକାଶ କହିଛନ୍ତି। ଜନସ୍ୱାର୍ଥ ଦୃଷ୍ଟିରୁ ୨୦୨୧ ମାର୍ଚ୍ଚ ୧ରେ ତତ୍କାଳିନ ଜନ ସୂଚନା ଅଧିକାରୀ ଚନ୍ଦ୍ରଶେଖରଙ୍କୁ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କୀୟ ତଥ୍ୟ ମାଗିଥିଲେ। ମାତ୍ର ତଥ୍ୟ ନ ମିଳିବାରୁ ସେ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ପ୍ରଥମ ଅପିଲ କରିଥିଲେ ମଧ୍ୟ କୌଣସି ସୁଫଳ ପାଇ ନ ଥିଲେ।ଶେଷରେ ସେ ଦ୍ୱିତୀୟ ଅପିଲ ରାଜ୍ୟ ସୂଚନା କମିଶନରଙ୍କୁ ଆବେଦନ କରିଥିଲେ ବୋଲି ଜ୍ୟୋତି ପ୍ରକାଶ କହିଛନ୍ତି।

## ବନ୍ଧୁକ ଦେଖାଇ ଟଙ୍କା ଲୁଟ୍

**ବୈଶିଙ୍ଗା, ୬।୯ (ରତନ ଦାଶ):** ବୈଶିଙ୍ଗା ଥାନା ଅଞ୍ଚଳରେ ଦୁର୍ବୃତ୍ତମାନେ ବନ୍ଧୁକ ଓ ଭୁଜାଲି ଦେଖାଇ ଜଣେ ବ୍ୟକ୍ତିଙ୍କଠାରୁ ୩୩,୩୨୬ ନଗଦ ଟଙ୍କା ସମେତ ଟାବଲେଟ ଓ ବାୟୋମେଟ୍ରିକ ସ୍କାନରକୁ ଲୁଟିନେଇଛନ୍ତି। ସ୍ଥାନୀୟ ଅଞ୍ଚଳର ଏକ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟରତ କର୍ମଚାରୀ ମାହାଙ୍ଗା ଥାନା ଅଞ୍ଚଳର ହାଡ଼ିଦାସ ସ୍ୱାଇଁ ମଙ୍ଗଳବାର ସନ୍ଧ୍ୟାରେ ଆଖପାଖ ଗ୍ରାମରୁ ଋଣ ଟଙ୍କାର କିସ୍ତି ସଂଗ୍ରହ କରି ଅଁଳାରୁ ବୈଶିଙ୍ଗା ଅଫିସ ଆସୁଥିଲେ। ଆମ୍ବଗଡ଼ିଆ –ଖଡ଼ିକାପଦା ରାସ୍ତାର ଏକ ନିଛାଟିଆ ଜାଗାରେ ହଠାତ ବାଇକ୍‌ରେ ୩ ଦୁର୍ବୃତ୍ତ ଆସି ଲୁଟ୍ କରିଥିଲେ।

# ଅବଧି ଶେଷର ବର୍ଷକ ପରେ ସରିନି ରାସ୍ତା କାମ



ରାସ୍ତାକାମ ଶେଷ ନ ହୋଇ ପଡ଼ିରହିଥିବାରୁ ଯାତାୟାତରେ ବାଧା।




ଲଗାଯାଇଥିବା ସୂଚନା ଫଳକ।

- ଆବେଦନର ୭ ମାସ ପରେ ବି ମିଳୁନି ଆର୍‌ଟିଆଇରେ ତଥ୍ୟ
- ଗ୍ରାମ୍ୟ ଉନ୍ନୟନ ବିଭାଗର ବେପରୁଆ ନୀତି
- ଜିଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

**ଡେରାବିଶ, ୬।୯ (ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅନ୍ତର୍ଗତ ପଲେଇ ପଞ୍ଚାୟତ କରିମୂଳ, କୋଶିଦା ଓ ଡେରାକୁଣ୍ଡି ଗ୍ରାମ ଦେଇ ନିର୍ମାଣ ହେଉଥିବା ରାସ୍ତା କାର୍ଯ୍ୟ କଚ୍ଛପ ଗତିରେ ଚାଲିଛି। କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହେଉଥିବା ଏହି ରାସ୍ତା ନିମ୍ନମାନର ନେଇ ମଙ୍ଗଳବାର ପଲେଇ ପଞ୍ଚାୟତ ଅଧିବାସୀ ଜିଲାପାଳଙ୍କୁ ଭେଟି ଏ ନେଇ ଅଭିଯୋଗ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷଙ୍କ ବେପରୁଆ ନୀତି ଯୋଗୁ ଏଭଳି ନିମ୍ନମାନର କାର୍ଯ୍ୟ ହେଉଥିବା ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି।

ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଡେରାବିଶ ବ୍ଲକ କାଉପଡ଼ାଠାରୁ ପଲେଇ ପର୍ଯ୍ୟନ୍ତ ଭାୟା ଡେରାକୁଣ୍ଡି, କରିମୂଳ, କୋଶିଦା ରାସ୍ତାର ନିର୍ମାଣ ଅବଧି ସରିବାର ବର୍ଷେ ପରେ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଏହି ରାସ୍ତାଟି ବ୍ଲକ ଅଞ୍ଚଳର ମୁଖ୍ୟ ରାସ୍ତା । ରାସ୍ତା ନିର୍ମାଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦେଇଥିଲେ। କାର୍ଯ୍ୟଟି ୧୧ ନଭେମ୍ବର ୨୦୨୧ରୁ ଆରମ୍ଭ ହୋଇ ୨୦୨୨ ଅଗଷ୍ଟ ୧୦ରେ ଶେଷ ହେବାକୁ ସୂଚନା ଫଳକରେ ଉଲ୍ଲେଖ ରହିଛି। ହେଲେ ନିର୍ମାଣ ଅବଧି ଶେଷର ଏକ ବର୍ଷ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ରାସ୍ତାର ବହୁ ଅଂଶର କାର୍ଯ୍ୟ ସରିନାହିଁ। ଇତିମଧ୍ୟରେ ନିର୍ମାଣାଧୀନ କାର୍ଯ୍ୟଗୁଡ଼ିକ ବିଭାଗୀୟ ନିର୍ଦ୍ଦେଶନାମା ଉଲ୍ଲଂଘନ କରି ଠିକାଦାର ନିମ୍ନମାନର କାର୍ଯ୍ୟ କରୁଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ଗ୍ରାମବାସୀ ଜିଲା ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ଏଥିପ୍ରତି କେହି କର୍ଣ୍ଣପାତ କରୁନାହାନ୍ତି। ତେବେ ଏ ସମ୍ପର୍କରେ କାର୍ଯ୍ୟର ନିର୍ମାଣ ଶୈଳୀ ଓ ବିଭିନ୍ନ ସ୍ଥାନରେ ଥିବା ଗାର୍ଡୱାଲ, କଲଭର୍ଟ ସମ୍ପର୍କରେ ଜାଣିବା ପାଇଁ ଗ୍ରାମର ଜଣେ ବ୍ୟକ୍ତି ସୂଚନା ଅଧିକାର ଆଇନ ବଳରେ ସମସ୍ତ ତଥ୍ୟ ଜାଣିବା ପାଇଁ ଚଳିତବର୍ଷ ଫେବୃୟାରୀ ୨୧ରେ ବିଭାଗୀୟ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ହେଲେ ତଥ୍ୟ ପାଇବା ପାଇଁ କାର୍ଯ୍ୟାଳୟକୁ ବାରମ୍ବାର ଦଉଡୁଥିଲେ ମଧ୍ୟ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରି ଅଦ୍ୟାବଧି ତଥ୍ୟ ଦେଇନାହାନ୍ତି। ଗ୍ରାମବାସୀ ରାସ୍ତାର ନିମ୍ନମାନର କାର୍ଯ୍ୟ ଓ ଆବଶ୍ୟକ ସ୍ଥାନରେ ଥିବା ଗାର୍ଡୱାଲ ନ କରି ରାସ୍ତା ନିର୍ମାଣ କରୁଥିବା ଠିକାଦାର ଓ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ ଆଣି ଏହାର ତଦନ୍ତ ପାଇଁ ଜିଲାପାଳଙ୍କ ନିକଟରେ ଗ୍ରାମର ପ୍ରମୋଦ କୁମାର ବେହେରା, ମୃତ୍ୟୁଞ୍ଜୟ ମହାନ୍ତି, ଗୋପାଳ ଚନ୍ଦ୍ର ବେହେରା, ସଂଗ୍ରାମ ଭୂୟାଁ, ଅଜୟ କୁମାର ଜେନା, ଲୋକନାଥ ପ୍ରଧାନ ପ୍ରମୁଖ ଗୁହାରି କରିଛନ୍ତି।

# ଷ୍ଟାଲିନ୍‌ଙ୍କ ମତକୁ ବଳଦେବ ସେନାର ବିରୋଧ




ବଳଦେବ ସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**କେନ୍ଦ୍ରାପଡ଼ା, ୬।୯ (ଜଗନ୍ନାଥ ଧଳ)**

ତାମିଲନାଡୁର ଡିଏମ୍‌କେ ନେତା ଉଦୟନିକକଧି ଷ୍ଟାଲିନ୍ ନିକଟରେ ସନାତନ ଧର୍ମକୁ ଉଚ୍ଛେଦ ପାଇଁ ମତ ରଖିଥିଲେ। ଏପରି ଅଭିଯୋଗ ଆଣି ଷ୍ଟାଲିନଙ୍କ କୁଶପୁତ୍ତଳିକା ଦାହ ସହ ତାଙ୍କ ମତ ବିରୋଧରେ କେନ୍ଦ୍ରାପଡ଼ାର ବଳଦେବ ସେନା ବୁଧବାର ବିକ୍ଷୋଭ କରିଛି। ସହରର ଇଚ୍ଛାପୁରର ରଥଦାଣ୍ଡରେ ସେନା ସଭାପତି ପୁପୁନ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏ ସମ୍ପର୍କରେ ଉପଦେଷ୍ଟା ନିରଞ୍ଜନ ମେକାପ କହିଛନ୍ତି, ରାଜନୀତି ଓ ଧର୍ମ ଭାରତୀୟଙ୍କ ପାଇଁ ଆବଶ୍ୟକତା ଥିବା ବେଳେ ଏହାର ବ୍ୟବହାରିକ କାର୍ଯ୍ୟକାରିତାକୁ ଭିନ୍ନ ରଖାଯାଇଥାଏ। ଏହି ସାଧାରଣ ସୌଜନ୍ୟକୁ ଡିଏମ୍‌କେ ନେତା ଷ୍ଟାଲିନ ଭୁଲିଛନ୍ତି। ସନାତନ ଧର୍ମର ମୂଳ ଉତ୍ପାଟନ କରିବାକୁ ଆହ୍ୱାନ ଦେଇ ସନାତନୀଙ୍କ ମନରେ ବହୁତ ଆଘାତ ଦେଇଛନ୍ତି। ଭୋଟ ରାଜନୀତିଠାରୁ ଧର୍ମକୁ ଅଲଗା ନ କଲେ ଏହାର ଫଳ ଆଗାମୀଦିନରେ ଭୋଟ ମାଧ୍ୟମରେ ଦିଆଯିବ। ଏଥିପାଇଁ ଡିଏମ୍‌କେ ନେତା ଷ୍ଟାଲିନ ସର୍ବସାଧାରଣରେ କ୍ଷମା ମାଗନ୍ତୁ। ନ ହେଲେ ଏହାର ପ୍ରତିବାଦରେ ବଳଦେବ ସେନା ଆନ୍ଦୋଳନକୁ ଓହ୍ଲାଇବ। ଏ ନେଇ କେନ୍ଦ୍ର ସରକାରଙ୍କୁ ସେନା ପକ୍ଷରୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଥିବା ସେନା ଉପଦେଷ୍ଟା ମେକାପ ମତ ରଖିଛନ୍ତି। ଏହି ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ କର୍ମକର୍ତ୍ତା ଅମର କୁମାର ବାରିକ, ଜ୍ୟୋତିରଞ୍ଜନ ପତ୍ରୀ, ଆଲୋକ ସାହୁ, ନୃସିଂହ ପତ୍ରୀ, ଶଶିକାନ୍ତ ସୁଆର, ଗଗନ ପତ୍ରୀ ପ୍ରମୁଖ ସାମିଲ ହୋଇଥିଲେ।

# ଘଡ଼ିଆମାଳ ପଞ୍ଚାୟତ ସମ୍ମୁଖରେ ଭାଜପାର ଗଣଧାରଣା




ପଞ୍ଚାୟତ ଅଫିସ ସମ୍ମୁଖରେ ରାଜନଗର ଭାଜପା କର୍ମୀମାନେ ଧାରଣାରେ ବସିଛନ୍ତି।

**ରାଜନଗର, ୬।୯ (ଭାସ୍କର ରାଉତରାୟ)**

ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଘଡ଼ିଆମାଳ ପଞ୍ଚାୟତ ସମ୍ମୁଖରେ ରାଜନଗର ଭାଜପା ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଭାଜପାର କାର୍ଯ୍ୟକର୍ତ୍ତାମାନେ ଏହି ଗଣଧାରଣାରେ ସାମିଲ ହୋଇଥିଲେ। ରାଜ୍ୟ ସରକାରଙ୍କ ଏହି ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ନେଇ ଭାଜପା ରାଜନଗର ବ୍ଲକର ସମସ୍ତ ପଞ୍ଚାୟତ ସମ୍ମୁଖରେ ଗଣଧାରଣା ଦେବା ସହ ଆନ୍ଦୋଳନ କରିବ। ମନ୍ କି ବାତ୍‌ର ଜିଲା ସଂଯୋଜକ ତଥା ଯୁବନେତା ଅଜୟ କୁମାର ବେହେରାଙ୍କ ନେତୃତ୍ୱରେ ରାଜକିଶୋର ସାହୁ, ନୀଳକଣ୍ଠ ମିଶ୍ର, ମଙ୍ଗୁଳି ଚରଣ ମହାନ୍ତି, ନଗେନ୍ଦ୍ର ପାତ୍ର, ଶୁକଦେବ ପ୍ରଧାନ, ସୁନାକର ନାୟକ, ପ୍ରମୋଦ ଦାସ, ଦୋଳଗୋବିନ୍ଦ ପ୍ରଧାନ, ପଞ୍ଚାନନ ପ୍ରଧାନ ପ୍ରମୁଖ ଗଣଧାରଣାରେ ସାମିଲ ହୋଇଥିଲେ।

# ରାଜକନିକା ମଣ୍ଡଳସ୍ତରୀୟ ବିଜ୍ଞାନ ସେମିନାର



ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

**ରାଜକନିକା,୬।୯(ସଞ୍ଜୟ କୁମାର ଦାଶ)**

ରାଜକନିକା ମଣ୍ଡଳସ୍ତରୀୟ ବିଜ୍ଞାନ ସେମିନାର ଉତ୍କଳମଣି ନୋଡାଲ ବିଦ୍ୟାପୀଠ, ଡାକିକାଏନ୍ଦାଠାରେ ଅନୁଷ୍ଠିତ ହୋଇଯାଇଛି। ରାଜକନିକା ମଣ୍ଡଳ ଶିକ୍ଷା ଅଧିକାରୀ ବାବାଜୀ ଚରଣ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ରାଜକନିକା ମଣ୍ଡଳ ନୋଡାଲ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ମଣ୍ଡଳ ଅତିରିକ୍ତ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ସୁରୁଚି ପ୍ରଭା ଦାଶ, ପୂର୍ବତନ ପ୍ରଧାନ ଶିକ୍ଷକ ନିମାଇଁ ଚରଣ ନାୟକ, ପ୍ରଧାନ ଶିକ୍ଷକ ହୃଦୟ କୁମାର ନାୟକ, ସିଆର୍‌ସିସି ସବ୍ୟସାଚୀ ଶତପଥୀ ପ୍ରମୁଖ ଯୋଗଦେଇ ୨୦୨୩କୁ ଆନ୍ତର୍ଜାତିକ ମାଣ୍ଡିଆ ଦିବସ ପାଳନର ଗୁରୁତ୍ୱ ବିଷୟରେ ବର୍ଣ୍ଣନା କରିଥିଲେ। ରାଜକନିକା ମଣ୍ଡଳ ବିଜ୍ଞାନ ସଂଯୋଜକ ନିରଞ୍ଜନ ବେହେରାଙ୍କ ସଂଯୋଜନାରେ 'ମାଣ୍ଡିଆ ଏକ ଉତ୍କୃଷ୍ଟ ଖାଦ୍ୟ ନା ସାମୟିକ ଖିଆଲି ଖାଦ୍ୟ' ଶୀର୍ଷକ ଆଲୋଚନାରେ ମଣ୍ଡଳର ୩୫ଟି ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ୩୦ଟି ସ୍କୁଲର ମନୋନୀତ ଛାତ୍ରୀଛାତ୍ର ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ବିଜ୍ଞାନ ସମ୍ମାନ ପ୍ରତିଯୋଗିତାରେ ପଣଷଗଣ୍ଡ ଉତ୍କଳମଣି ହାଇସ୍କୁଲର ରାଜସ୍ମିତା ସାମଲ ପ୍ରଥମ, ପଞ୍ଚାୟତ ନୋଡାଲ ହାଇସ୍କୁଲର ସ୍ୱୟଂପ୍ରଭା ଦାସ ଦ୍ୱିତୀୟ ଓ ଓଳାଭର ନୋଡାଲ ହାଇସ୍କୁଲର ଇତିଶ୍ରୀ କୁଣ୍ଡ ଏବଂ ବରୁଣା ନୋଡାଲ ହାଇସ୍କୁଲର ଅମିଷାରାଣୀ କୁଣ୍ଡ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରି ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ଯଶପତ୍ର ପ୍ରଦାନ କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ବିଜ୍ଞାନ ଶିକ୍ଷକ ନବକିଶୋର ସୂତାର ଓ କୃଷ୍ଣ ପ୍ରସାଦ ଦାସ ବିଚାରକ ଭାବେ ଦାୟିତ୍ୱ ତୁଲାଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜ୍ଞାନ ଶିକ୍ଷକ ଅରବିନ୍ଦ ଦାସ, ସୁରେନ୍ଦ୍ର ନାଥ ରାଉତ, ଧ୍ରୁତି ସୁନ୍ଦର ଆଚାର୍ଯ୍ୟ, ଅନୁରାଗ ସାମଲ, ବିଜ୍ଞାନ ଶିକ୍ଷୟିତ୍ରୀ ଭାଗ୍ୟବତୀ ବେହେରା ପ୍ରମୁଖଙ୍କ ସମେତ ଉତ୍କଳମଣି ବିଦ୍ୟାପୀଠର ଶିକ୍ଷୟିତ୍ରୀଶିକ୍ଷକ ଓ ଶିକ୍ଷାକର୍ମୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜୟରାମ, ଅଂଶୁମାନ ବିଜେଡି ଡିଜିଟାଲ ସଂଯୋଜକ

**ରାଜନଗର, ୬।୯ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକ ବିଜୁ ଛାତ୍ର ଜନତା ଦଳର ଡିଜିଟାଲ ସମ୍ପାଦକ ଭାବେ ଜୟରାମ ସ୍ୱାଇଁଙ୍କୁ ଜିଲା ବିଜୁ ଛାତ୍ର ଜନତା ଦଳର ସଭାପତି ପ୍ରଦୀପ କୁମାର ସାହୁ ନିଯୁକ୍ତି ଦେଇଛନ୍ତି। ଏଥିସହ ରାଜନଗର ବ୍ଲକର ୩୧ ନଂ. ଜୋନର ସୋସିଆଲ ମିଡିଆ ସଂଯୋଜକ ଭାବେ ଅଂଶୁମାନ ପରିଡାଙ୍କୁ ରାଜନଗର ନିର୍ବାଚନମଣ୍ଡଳୀ ସୋସିଆଲ ମିଡିଆ ସଂଯୋଜକ ବିଜୟ ନାୟକ ନିଯୁକ୍ତି ପ୍ରଦାନ କରିଛନ୍ତି। ରାଜନଗର ନିର୍ବାଚନମଣ୍ଡଳୀରେ ଜାରି ରହିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଇବା ପାଇଁ ଏହି ନିଯୁକ୍ତି ଦିଆଯାଇଛି ବୋଲି ନାୟକ କହିଛନ୍ତି।

# ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ଚାରାରୋପଣ

**ରାଜନଗର, ୬।୯( ଭାସ୍କର ରାଉତରାୟ)**

ରାଜନଗର ବ୍ଲକର ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାତଭାୟା ଥଇଥାନସ୍ଥଳୀ ବଗପାଟିଆଠାରେ ଏହି ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ହଂସୁଆ କଳା ପ୍ରତିଷ୍ଠାନର ପ୍ରତିଷ୍ଠାତା କବି ଶତ୍ରୁଘ୍ନ ତରାଇ, ସଚିନ ଦାସ, ବାଲ୍ମିକୀ ଜେନା, ବିନୋରୀ ଜେନା, ବୈଲୋଚନ ଜେନା, ପ୍ରଭାତୀ ଜେନା, ଅର୍ଚ୍ଚିତା ପ୍ରଧାନ,




ଚାରାରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ହଂସୁଆ କଳା ପ୍ରତିଷ୍ଠାନର କର୍ମକର୍ତ୍ତା।

ସଲୋନୀ ଘଡାଇ, ଲକ୍ଷ୍ମୀପ୍ରିୟା ଦାସ, ରଶ୍ମୀତା ଦାସ ପ୍ରମୁଖ ଉପସ୍ଥିତ ରହି ଚାରା ରୋପଣ କରିଥିଲେ। ଏଥିରେ ସାତଭାୟାର ସରପଞ୍ଚ ପ୍ରସନ୍ନ କୁମାର ପରିଡା, ଅନୁପମା ସାହାଣୀ, ସ୍ୱାଧୀନ ବେହେରା ପ୍ରମୁଖ ଯୋଗଦେଇଲେ।

# ମରହଟ୍ଟା ଓଳାଭର-ଗଞ୍ଜା ବଗିବନ୍ଧ ରାସ୍ତା ଶୋଚନୀୟ

## ଯାତାୟାତରେ ବାଧା

**ରାଜକନିକା,୬।୯(ସଞ୍ଜୟ କୁମାର ଦାଶ)**

କନିକା ରାଜା ରାଜକନିକାକୁ ପ୍ଲାନ ୱେରେ କରିଥିଲେ। ସେଥିମଧ୍ୟରୁ ମରହଟ୍ଟା ବେଳର ବଗିବନ୍ଧକୁ ତିଆରି କରି ସଦର ରାଜକନିକାକୁ ବନ୍ୟା ଦାଉରୁ ରକ୍ଷା କରିବାକୁ ଏହି ବନ୍ଧ ତିଆରି କରାଯାଇଥିଲା। କାଳକ୍ରମେ ଗଞ୍ଜାଘାଟଠାରୁ ଓଳାଭର ଯାଏ ହୋଇଥିବା ଘେରିବନ୍ଧ ସବୁଦିନିଆ ରାସ୍ତାରେ ପରିଣତ ହୋଇଥିଲା। ବର୍ତ୍ତମାନ ଏହି ରାସ୍ତା ଆଳି ତଟବନ୍ଧ ବିଭାଗ ରାଜକନିକା ଉପଖଣ୍ଡ ଅଧୀନରେ ରହିଛି। ବଗିବନ୍ଧ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଫଳରେ ସବୁଦିନ ପ୍ରାୟ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। କିଛିବର୍ଷ ପୂର୍ବେ ଏହି ରାସ୍ତା ପିଚୁ ହୋଇଥିଲା। କିନ୍ତୁ ଏବେ ଏହି ରାସ୍ତାର ପିଚୁ ସବୁ ଉଠି ଯାଇ ରାସ୍ତାରେ ବଡ଼ ବଡ଼ ଖାଲ ଖମାର ଭର୍ତ୍ତି ହୋଇଛି। ଏହି ଖାଲ ଗୁଡିକରେ ପାଣି ଜମି ରହୁଛି। ବିଭାଗ ପକ୍ଷରୁ ଏହାର ମରାମତି ପାଇଁ କୌଣସି ଉଦ୍ୟମ ହୋଇନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ଯେ ଯଦି ଏହାର



ଖାଲଖମା ଯୋଗୁ ବଗିବନ୍ଧ ରାସ୍ତା ମରଣଯନ୍ତା।

ରକ୍ଷଣାବ୍ୟକ୍ଷଣ କରା ନ ଯାଏ ତେବେ ଏ ରାସ୍ତାରେ ଯା ଆସ କରିବା କଷ୍ଟସାଧ ହୋଇପଡିବ ଯେ ଏବଂ ମରହଟ୍ଟା ବନ୍ୟା ବନ୍ଧ ଭାବେ ଜଣାଶୁଣା ବଗିବନ୍ଧ ନଷ୍ଟ ହୋଇଯିବ ଯେ ପ୍ରକାଶ ଥାଉ କି ଜଳ ସମ୍ପଦ ବିଭାଗର ଏହି ପୁରୁଣା ମରହଟ୍ଟା ବଗିବନ୍ଧ ଉପରେ ପଶ୍ଚିମ କନିକା ସମେତ ହଜାର ହଜାର ଲୋକ ନିର୍ଭର କରିଥାନ୍ତି ଯେ ସାତଘରିଆ ଗାଁରୁ ଗଂଜା ଯାଏଁ ଏହି ରାସ୍ତାରେ ଶହ ଶହ ଗା ଦେଖିବାକୁ ମିଳୁଛି ଯେ ଏ ସମ୍ପର୍କରେ ବାରମ୍ବାର ଖବର ପ୍ରକାଶ ପାଉଥିଲେ ମଧ୍ୟ ବିଭାଗ ନିଦାବିଷ୍ଣୁ ସାଜିଛି ଯେ ଯଦି ଖୁବ ଶୀଘ୍ର ଏହି ରାସ୍ତାର ମରାମତି କରା ନ ଯାଏ ତେବେ ରାଜକନିକା ସଦର ସହ ଏକପ୍ରାକାର ସଂଯୋଗ ବିଛିନ୍ନ ହେବାର ସମ୍ଭାବନା ଅଛି ଯେ ତେବେ ତୁରନ୍ତ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# ଗ୍ରାହକଙ୍କୁ ମିଳୁନି ଉପଯୁକ୍ତ ସେବା

## ପଟ୍ଟାମୁଣ୍ଡାଇ ବ୍ଲକ ଜରିଆ ପୋଷ୍ଟ ଅଫିସ

**ପଟ୍ଟାମୁଣ୍ଡାଇ,୬।୯ (କଳ୍ପତରୁ ନାୟକ)**

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଜରିଆ ଉପ ଡାକଘର ସମସ୍ୟା ଘେରରେ ରହିଛି। ଅଧିକାଂଶ ସମୟ ଏହି ଡାକଘର ଅଚଳ ରହୁଛି। ଫଳରେ ଗ୍ରାହକଙ୍କୁ ଉପଯୁକ୍ତ ସେବା ମିଳି ପାରୁନାହିଁ। ଏଠାରେ ଥିବା ପୋଷ୍ଟମାଷ୍ଟର ଗ୍ରାହକଙ୍କୁ ଦୁର୍ବ୍ୟବହାର କରିବା ସହ କାମ ନ କରିବାକୁ ଖୁଲମ୍ ଖୁଲା ଧମକ ଦେଉଛନ୍ତି। ଲିଙ୍କ୍ ନ ଥିବା କହି କୌଣସି କାମ ହୋଇପାରୁନାହିଁ କହି ବୋର୍ଡ ଟଙ୍ଗାଇ ଦେଉଛନ୍ତି। ଫଳରେ ଦୈନିକ ଶତାଧିକ ଲୋକ ନିରାଶ ହୋଇ ଫେରୁଛନ୍ତି। ଏ ନେଇ ପୋଷ୍ଟ ଅଫିସ ଉପରେ ନିର୍ଭର କରୁଥିବା ୩ ପଞ୍ଚାୟତର ଲୋକ ଭୁବନେଶ୍ୱର ମୁଖ୍ୟ ପୋଷ୍ଟ ମାଷ୍ଟର, ଅଧୀକ୍ଷକ ପୋଷ୍ଟ ଅଫିସ କେନ୍ଦ୍ରାପଡ଼ା ଓ ଯୋଗାଯୋଗ, ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବ୍ଲକର ଜରିଆ ପୋଷ୍ଟ ଅଫିସ ଉପରେ ଅରଡପଲ୍ଲୀ, ଗଙ୍ଗାରାମପୁର ଓ ସାନଜରିଆ ପଂଚାୟତ ସମେତ ଆଖପାଖ ଅଞ୍ଚଳର ହଜାର ହଜାର




ଲୋକେ ନିର୍ଭର କରନ୍ତି। ଏହି ଗ୍ରାମାଞ୍ଚଳର ଯୋଗାଯୋଗ ପାଇଁ ସରକାରଙ୍କର ଜରିଆ ଡାକଘର ଏକ ବଡ଼ ମାଧ୍ୟମ ହୋଇଥିବା ବେଳେ ପୂର୍ବରୁ ଠିକଠାକ ଚାଲୁଥିଲା। ମାତ୍ର ଆଜକୁ ବର୍ଷେ ହେବ ପ୍ରସନ୍ନ ବେହେରା ପୋଷ୍ଟ ମାଷ୍ଟର ଭାବେ କାର୍ଯ୍ୟରେ ଯୋଗ ଦେବାଠାରୁ ପୋଷ୍ଟ ଅଫିସରେ ଅଚଳା ଅବସ୍ଥା ଲାଗିରହିଛି। ବିଭିନ୍ନ ସମୟରେ ଡାକଘର ବନ୍ଦ ରଖୁଛନ୍ତି। ପଚାରିଲେ ବିଭିନ୍ନ ଆଳ ଦେଖାଉଛନ୍ତି। ଏଠାକାର ଲୋକେ ଭାରତର ବିଭିନ୍ନ ରାଜ୍ୟ ଓ ବିଦେଶରେ ଚାକିରି କରିଛନ୍ତି। ଆଖପାଖରେ ଅନ୍ୟ କୌଣସି ମାଧ୍ୟମ ନ ଥିବା ବେଳେ ମହିଳାମାନେ ଏହି ଉପ ଡାକଘର ଉପରେ ନିର୍ଭର କରିଥାନ୍ତି। ମାତ୍ର ପୋଷ୍ଟ ମାଷ୍ଟର ବିଭିନ୍ନ ସମୟରେ ନିଶାଶକ୍ତ ଅବସ୍ଥାରେ ରହି ମହିଳାମାନଙ୍କୁ ଗାଳିଗୁଲଜ କରିବା ସହ ଅଶ୍ଳୀଳ ଇଙ୍ଗିତ କରୁଥିବା ଅଭିଯୋଗରେ ଦର୍ଶାଯାଇଛି। ଖାଲି ଏତିକି ନୁହେଁ ବରଂ ବହୁବାର ପୋଷ୍ଟ ମାଷ୍ଟର ୫ ମିନିଟ୍‌ର କାମକୁ ଘଣ୍ଟା ଘଣ୍ଟା ଧରି କରୁଛନ୍ତି। ଆଉ ପଚାରିଲା ବେଳକୁ ଲୋକଙ୍କୁ ସରକାରୀ ତୋଡ ଦେଖାଉଛନ୍ତି। ଏହି ଡାକଘର ଥିବା ଜନସାଧାରଣଙ୍କ ଜମା ଅର୍ଥ ଉଠାଣ ପାଇଁ ଲୋକଙ୍କୁ ନୟାନ୍ତ ହେବାକୁ ପଡୁଛି। କେୱାଇସି ପାଇଁ ଲୋକେ ୮ରୁ ୧୦ ଦିନ ଦୌଡୁଛନ୍ତି। ବହୁ ଉପଭୋକ୍ତା ସେମାନଙ୍କ ଖାତା ବନ୍ଦ କରି ଦେଲେଣି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ସ୍ଥାନୀୟ ସୁଦର୍ଶନ ସ୍ୱାଇଁ, ଗୋପୀନାଥ ସାହୁ, ଅଧିକାରୀ ଶରତ ଚନ୍ଦ୍ର ଦାଶ, ସହଦେବ ଘଡାଇ, ସୁବୋଧ ସ୍ୱାଇଁ, ଉମେଶ ବେହେରା, ବାବାଜୀ ସାହୁ, ରଶ୍ମିରଞ୍ଜନ ଜେନା, ଶରତ ଦାଶ, ଗୋବିନ୍ଦ ପଟ୍ଟନାୟକ, ଅଜୟ ସାହୁ, ଚିତ୍ତ ରଞ୍ଜନ ମଲିକ, ଗଗନ ବିଶ୍ୱାଳ, ବ୍ରଜ କିଶୋର ନାୟକ, ସଞ୍ଜୟ ଗାହାଣ, ସୁବମ ସୂତାର, କଳାକାର ବେହେରା, ଦୁର୍ଲଭ ମଲିକ, ଗଗନ ବାରିକ ସମେତ ଶତାଧିକ ଲୋକଙ୍କ ଦସ୍ତଖତ ସହ ଭୁବନେଶ୍ୱର ମୁଖ୍ୟ ପୋଷ୍ଟ ଅଫିସ, ଅଧୀକ୍ଷକ ପୋଷ୍ଟ ଅଫିସ କେନ୍ଦ୍ରାପଡ଼ା ଏବଂ ସୂଚନା ପ୍ରଯୁକ୍ତିର ରେଳ ମନ୍ତ୍ରୀ ବୈଷ୍ଣବଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଯଦି ଦରଖାସ୍ତ ପାଇବାର ୮ଦିନ ମଧ୍ୟରେ ପୋଷ୍ଟ ମାଷ୍ଟର ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ ତାହା ହେଲେ ୩ଟି ପଞ୍ଚାୟତର ଜନସାଧାରଣ ଜରିଆ ପୋଷ୍ଟ ଅଫିସ ସାମ୍ନାରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ମୁଖ୍ୟ ପୋଷ୍ଟ ଅଫିସ ଅଧୀକ୍ଷକ ଦେବରାଜ ସେଠୀଙ୍କୁ ପଚାରିବାରୁ ଏ ବାବଦରେ ଅଭିଯୋଗ ପାଇ ଅଗଷ୍ଟ ୩୦ରେ ଅତିରିକ୍ତ ଅଧୀକ୍ଷକ ଯାଇ ତଦନ୍ତ କରିଛନ୍ତି, ସେ ଦେଇଥିବା ରିପୋର୍ଟ ଉପରେ ଅନୁଧ୍ୟାନ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ପୋଷ୍ଟମାଷ୍ଟରଙ୍କ ବିରୋଧରେ କରାଯିବ ବୋଲି ସେ କହିଛନ୍ତି।

# ଅନ୍ଧାରୀ ମୂଳକରେ ଗାଁ କଣ୍ଟାବଣିଆ

ଖଣ୍ଡପଡ଼ା,୬।୯
(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ସିଂଘାପଡା ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ୨୦ଟି ପରିବାରକୁ ନେଇ ଦତପୋଖରୀ (କଣ୍ଟାବଣିଆ) ଗାଁ। ଶହେରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଗାଁଟି ସ୍ୱାଧୀନତାର ଦୀର୍ଘ ୭୭ ବର୍ଷ ପରେ ବି ଅନ୍ଧାରୀ ମୂଳକ ଭିତରେ ରହିଯାଇଛି। ଜିଲାଠୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ କାହାରି ବି ନଜର ନାହିଁ। ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ସରକାରୀ ସାହାଯ୍ୟରୁ ବଞ୍ଚିତ। ଯେନତେନ ପ୍ରକାରେଣ ଜଙ୍ଗଲରୁ କାଠ, ବିଭିନ୍ନ ପତ୍ର ଓ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି କଷ୍ଟେମଷ୍ଟେ ଚଳୁଛନ୍ତି। ନିର୍ବାଚନ ବେଳେ କେତେ ନେତା ଆସନ୍ତି ପ୍ରତିଶ୍ରୁତି ଦେଇ ଯାଆନ୍ତି। ଗ୍ରାମବାସୀ ବହୁ ଆଶା ନେଇ ସେମାନଙ୍କ ପାଖରେ ଗୁହାରୀ କରନ୍ତି, କାଳେ ଗାଁକୁ ସବୁ ଦିନିଆ ରାସ୍ତାଟିଏ ହୋଇଯିବ କି। ହେଲେ ରାସ୍ତା ଓ ପାନୀୟ ଜଳ ପାଇବା ସ୍ୱପ୍ନ ଦେଖୁଥିବା ଏହି ଗ୍ରାମବାସୀଙ୍କର ସ୍ୱପ୍ନ ଅଧୁରା ରହିଯାଏ। କାରଣ ନେତାମାନେ ଅଣଦେଖା କରନ୍ତି ସେ ଗାଁର ଅଳ୍ପ ଭୋଟ ଯୋଗୁ।

ଏ ସମ୍ପର୍କରେ ଗାଁର ରବି ସ୍ୱାଇଁ, ପ୍ରକାଶ କାଠୁଆ, ପଦ୍ମଲାଭ ସ୍ୱାଇଁ, ବଟକୃଷ୍ଣ କାଠୁଆ ପ୍ରମୁଖ କହିଛନ୍ତି, ଖଳିସାହି- ଆଡକଟା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ସିଂଘାପଡ଼ାଠାରୁ ପ୍ରାୟ ୪ କି.ମି. ଜଙ୍ଗଲ ପାହାଡ଼ ଘେରା ପଥୁରିଆ ରାସ୍ତା ଓ ୩ଟି ନାଳ ଦେଇ କଣ୍ଟାବଣିଆ ଗାଁକୁ ଯିବାକୁ ହୋଇଥାଏ। ବର୍ଷାଦିନେ ନାଳରେ ପାଣି ହେଲେ ଏହି ଗାଁକୁ ସାଇକେଲ ତ ଦୂରର କଥା ଚାଲିକରି ଯିବା କଷ୍ଟକର। ଯଦି କେହି ରୋଗୀ ଗାଁରେ ପଡ଼େ ତାହା ହେଲେ ଡାକ୍ତରଖାନା ନ ଯାଇ ପରିବାରୁ ମୃତ୍ୟୁ ମୁଖରେ ପଡନ୍ତି ବୋଲି ଗାଁ ଲୋକ କହିଛନ୍ତି। ଗାଁକୁ ଆମ୍ବୁଲାନ୍ସ ଆସିବା ଅସମ୍ଭବ। ଦୋଳା କିମ୍ବା ଭାର ଦ୍ୱାରା ରୋଗୀକୁ ୪ କିଲୋ ମିଟର ଦୂର ସିଂଘାପଡ଼ା କିମ୍ବା ନୂଆ ଗଡ଼ଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ପଡ଼ିଥାଏ। ଯୋଗାଯୋଗ ତଥା ଗମନାଗମନ ବିହୀନ ଏହି ଗାଁରେ ସଭ୍ୟତାର ଛାପ ପଡି ନ ଥିବା ବେଳେ ୪କି.ମି. ଦୂର ସିଂଘାପଡ଼ାକୁ ପିଲାମାନେ ପାଠ ପଢିବାକୁ ଯିବା କଷ୍ଟକର ହୋଇଥାଏ। ଉକ୍ତ ଗାଁଟି


କଣ୍ଟାବଣିଆ ଗାଁକୁ ଯାଇଥିବା ରାସ୍ତାରେ ଥିବା ନାଳର କଲଭର୍ଟ ଛାତ ପଡ଼ିନାହିଁ।


ରାସ୍ତା କାଦୁଅରେ ପରିପୂର୍ଣ୍ଣ।

### ଯେଉଁଠି ସରକାରୀ ଯୋଜନା ଅପହଞ୍ଚ

ପୂର୍ବରୁ କିଆଝର ପଞ୍ଚାୟତ ଅଧୀନରେ ଥିବା ବେଳେ ଏବେ ସିଂଘାପଡ଼ା ପଞ୍ଚାୟତରେ ରହିଛି। ଗ୍ରାମକୁ ଯାଇଥିବା ରାସ୍ତା ମଧ୍ୟରେ ୩ଟି ନାଳ ରହିଥିବା ବେଳେ ସମ୍ପୃକ୍ତ ନାଳରେ କଲଭର୍ଟ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ୨ଟି କଲଭର୍ଟ ଅର୍ଦ୍ଧ ନିର୍ମିତ ହୋଇ ଉପରି ଭାଗରେ ସ୍ଲାବ ପଡ଼ି ନାହିଁ। ଅନ୍ୟ ନାଳରେ ଆଜି ପର୍ଯ୍ୟନ୍ତ କଲଭର୍ଟ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଫଳରେ ଯାତାୟାତରେ ଘୋର ସମସ୍ୟା ସୃଷ୍ଟି ହୋଇଛି। ଅପରପକ୍ଷରେ ଗ୍ରାମ ନିକଟରେ ଥିବା ବରଗଣ୍ଡ ଓ ମଜୁର ମୁଣ୍ଡିଆରୁ ପଥର ମାଫିଆମାନେ ବ୍ଲାଷ୍ଟିଂ କରି ପଥର ଫଟାଉ ଥିବାରୁ ଏହାର ପ୍ରଭାବରେ ଘର କାନ୍ଥ ଫାଟି ବିପଦ ସଙ୍କୁଳ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାଛଡା ସମ୍ପୃକ୍ତ ପାହାଡରୁ ହାଇୱା, ଟ୍ରକ୍ ଓ ଟ୍ରାକ୍ଟର ଯୋଗେ ପଥର ଚୋରା ଚାଲାଣ କରୁଥିବାରୁ ରାସ୍ତା ସାରା ଖାଲଖମା ସୃଷ୍ଟି ହୋଇ ଯାତାୟତରେ ସମସ୍ୟା ସୃଷ୍ଟି ହୋଇଛି। ଅପରପକ୍ଷରେ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ଭୂମି ତଳେ ବିଛା ଯାଇଥିବା ପାଇପ ଲାଇନ ଉପରେ ହାଇୱା ଯାତାୟାତ ଫଳରେ ତାହା ଫାଟି ନଷ୍ଟ ହୋଇଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସମ୍ପ୍ରତି ବର୍ଷା ଫଳରେ ରାସ୍ତା ସାରା ଖାଲ ଓ ପଙ୍କ କାଦୁଆରେ ଭରି ହୋଇ ଗମନା ଗମନ ଠପ ହୋଇଯାଇଛି। ଏ ସମ୍ପର୍କରେ ଖଣ୍ଡପଡ଼ା ତହସିଲଦାର ଲିପ୍ସା ରାୟଙ୍କୁ ପଚାରିବାରେ ଏଭଳି ଅସୁବିଧାରେ କଣ୍ଟାବଣିଆ ଗାଁର ଲୋକ ଥିବା ବେଳେ କେହି ଅଭିଯୋଗ କରି ନାହାନ୍ତି। ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ସ୍ଥାନୀୟ ଲୋକ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନଙ୍କୁ ବାରମ୍ବାର ଆପତ୍ତି ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅବହେଳାର ଶିକାର ହୋଇଥିବା ଗ୍ରାମବାସୀ ନିଜର ମୌଳିକ ସମସ୍ୟାର ସମାଧାନ ନ ହେଲେ ଆଗକୁ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## କମ୍ପାନୀ ଜିନିଷ ଦେବାକୁ କହି ୧୦ ଲକ୍ଷ ଠକିନେଲେ

ବ୍ରହ୍ମପୁର,୬।୯(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ପ୍ରହଲ୍ଲାଦ ନଗରର ଯୁବକ ଏସ. ସାଇ ସ୍ୱରୂପ ଆଚାରୀଙ୍କ ସହ ଏକ କମ୍ପାନୀର ମାଲିକ ଆଲୋଚନା କରି ବ୍ୟବସାୟ କରିବା ପାଇଁ ନିଷ୍ପତ୍ତି ହେଲା। ନିଷ୍ପତ୍ତି ଅନୁଯାୟୀ ସାଇ ସ୍ୱରୂପ ୪ କିସ୍ତିରେ ୧୦ ଲକ୍ଷ ଟଙ୍କା ଦେଲେ। ହେଲେ ସଂପୃକ୍ତ କମ୍ପାନୀ ଏବେ କୌଣସି ଜିନିଷ ଦେଉନାହିଁ। ତେଣୁ ସେ ବାଧହୋଇ ବଡ଼ ବଜାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସାଇସ୍ୱରୂପ ତାଙ୍କ ଏତଲାରେ ଦଶାଇଛନ୍ତି, କମ୍ପାନୀର ମାଲିକ ଓ ଜଣେ ମହିଳା ୭/୮ ମାସ ତଳେ ତାଙ୍କ ପାଖକୁ ଆସିଥିଲେ। ସାଇସ୍ୱରୂପ ବିଭିନ୍ନ କମ୍ପାନୀର ଡିଷ୍ଟ୍ରିବ୍ୟୁଟର ଥିବାରୁ କମ୍ପାନୀ ମାଲିକଙ୍କ ସହିତ ତାଙ୍କର ଆଲୋଚନା ହୋଇଥିଲା। ଏହାପରେ କମ୍ପାନୀ ମାଲିକ ବ୍ରହ୍ମପୁର ଆସିଥିଲେ। ପରେ ସେ ୪ଟି କିସ୍ତିରେ ସର୍ତ୍ତ ଅନୁଯାୟୀ କମ୍ପାନୀ ଆକାଉଣ୍ଟକୁ ୧୦ ଲକ୍ଷ ଟଙ୍କା ପଠାଇଥିଲେ। ହେଲେ ଦୀର୍ଘଦିନ ଅପେକ୍ଷା କରି କୌଣସି ଜିନିଷ ନ ଆସିବାରୁ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୩୩୦/୨୦୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ମନସ୍କାମନା ପୂରଣ ପାଇଁ ଗ୍ରାମାଞ୍ଚଳରେ ବୁଦ୍ଧିବାମନ ଓଷା

ଖଣ୍ଡପଡ଼ା, ୬।୯
(ଅଜୟ କୁମାର ମହାରଣା)

ହିନ୍ଦୁ ପରମ୍ପରାରେ ବିଶେଷକରି ଓଡ଼ିଶାର ପୁରପଲ୍ଲୀରେ ବାର ମାସରେ ତେର ପର୍ବ ପାଳନ କରାଯାଇଥାଏ। ତେବେ ଶ୍ରାବଣମାସଠାରୁ ବିଭିନ୍ନ ପର୍ବପର୍ବାଣି ପାଳନ କରାଯାଉଥିବା ବେଳେ ଭାଦ୍ରବ ପ୍ରଥମ ବୁଧବାରଠାରୁ ଆରମ୍ଭ ହେଉଛି ବୁଧେଇ ଓଷା ବା ବୁଦ୍ଧିବାମନ ଓଷା। ଏହି ଓଷାକୁ ସାଧାରଣତଃ ମହିଳାମାନେ ନିଷ୍ଠାର ସହ ପାଳନ କରିଥାନ୍ତି। ଏହି ଅବସରରେ ଖଣ୍ଡପଡା ବ୍ଲକ ଅନ୍ତର୍ଗତ ଖଳିସାହି, ମର୍ଦ୍ଦରାଜପୁର, କୋସକା, ବେଣାଗାଡିଆ, କଣ୍ଟିଲୋ, ସିଧାମୂଳା, ପଥରଚକଡା, ଜଗନ୍ନାଥପ୍ରସାଦ, ବଳରାମପ୍ରସାଦ ଆଦି ଗ୍ରାମାଞ୍ଚଳରେ ପାରମ୍ପରିକ ରୀତିରେ ଏହା ପାଳନ କରାଯାଇଛି। ସାଧାରଣତଃ ଘରେ ଥିବା ଶୀଳ ଓ ଶିଳପୁଆରେ ବଟା ହଳଦୀରେ ପିତୁଳା ଗଢି ଗୁଆ, କଉଡି ସ୍ଥାପନ କରାଯାଇ ସୁନା, ରୁପା ଅଳଙ୍କାରରେ ସଜ୍ଜିତ କରାଯାଇଥାଏ। ଓଷା କୋଠିରେ ମଣ୍ଡଳ ସ୍ଥାପନ କରାଯାଇ ପୂଜାରୀଙ୍କ ଦ୍ୱାରା ବୁଧେଇ ଓଷା ପୁସ୍ତକ ପଠନ କରାଯାଇଥାଏ। ସନ୍ଧ୍ୟାରେ ବ୍ରତ ପାଳନ କରୁଥିବା ମହିଳାମାନେ ଉଦ୍ଦିଷ୍ଟ ପୂଜା କୋଠିରେ ଏକତ୍ରିତ ହୋଇ ଏହି ବ୍ରତ ପାଳନ କରିଥିଲେ। ମନସ୍କାମନା ପୂରଣ ନିମନ୍ତେ ମାନସିକ କରିଥିବା ମହିଳାମାନେ ପୂର୍ଣ୍ଣ କଳସ ବସାଇ ନିଷ୍ଠା ସହକାରେ ମା'ଙ୍କୁ ପ୍ରାର୍ଥନା କରିଥାନ୍ତି।


ବୁଧେଇ ଓଷା ଲାଗି ପୂଜାର୍ଚ୍ଚନା ଚାଲିଛି।

## ଜମି ଦେବା ନାଁରେ ଟଙ୍କା ଠକେଇ ଅଭିଯୋଗ

ବ୍ରହ୍ମପୁର,୬।୯ (ସୁବାସ ଚନ୍ଦ୍ର ପାଢ଼ୀ)

ବଡବଜାର ଥାନା ଅନ୍ତର୍ଗତ ଆଗା ସାହି ନିକଟ ତ୍ରିମୂର୍ତ୍ତି ମନ୍ଦିର ସାହିର ଅଜିତ କୁମାର ଦାଶଙ୍କୁ ଜମି ବିକିବେ ବୋଲି କହି ତାଙ୍କଠାରୁ ଟଙ୍କା ନେଲେ। ହେଲେ ସେ ଅଜିତଙ୍କ ନାମରେ ଜମି ରେଜିଷ୍ଟ୍ରି କଲେ ନାହିଁ। ଏ ନେଇ ସେ ବାରମ୍ବାର ମାଗିଲେ ମହିଳାଙ୍କ ଜଣେ ବନ୍ଧୁ ଅଜିତଙ୍କୁ ଧମକ ଦେଉଛନ୍ତି। ତେଣୁ ଜମି ପାଇଁ ଟଙ୍କା ଦେଇଥିବା ଅଜିତ ବଡ଼ ବଜାର ଥାନାରେ ଜଣାଇ ନ୍ୟାୟ ଭିକ୍ଷା କରିଛନ୍ତି। ପୋଲିସର ସୂଚନା ଅନୁଯାୟୀ ତ୍ରିମୂର୍ତ୍ତୀ ଜଗନ୍ନାଥ ମନ୍ଦିର ସାହିର ଅଜିତ ଗୋପାଳପୁର ନିକଟ ଶରଧାବାଲି ୬ଷ୍ଠ ଲେନର ଜଣେ ମହିଳାଙ୍କୁ ଜମି କିଣିବା ପାଇଁ ଅଢେଇ ଲକ୍ଷ ଟଙ୍କା ଦେଇଥିଲେ। ହେଲେ ମହିଳା ଜଣକ ଜମି ଦେବାରେ ଦିନ ଗଡାଇ ଚାଲିଲେ। ଶେଷରେ ତାଙ୍କୁ ଜମି ଦେଲେ ନାହିଁ କି ଟଙ୍କା ମଧ୍ୟ ଫେରାଇଲେ ନାହିଁ। ଅଜିତ ବାଧ କରି ଟଙ୍କା ମାଗିବାରୁ ମହିଳାଙ୍କ ଜଣେ ବନ୍ଧୁ ଅଜିତଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରୁଛନ୍ତି। ଏପରିକି ଟଙ୍କା ମାଗିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ତେଣୁ ଅଜିତ ଏ ନେଇ ବଡ଼ ବଜାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୩୨୯/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ମନ୍ଦିର ସହ ବିଦ୍ୟାଳୟରେ ଜନ୍ମାଷ୍ଟମୀ ପାଳିତ


ରାଧାକୃଷ୍ଣ ବେଶରେ ଛାତ୍ରୀଛାତ୍ରମାନେ।

ରଣପୁର, ୬।୯
(ସୁକାନ୍ତ କିଶୋର ଡ଼ାକୁଆ)

ବୁଧବାର ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଧରାପୃଷ୍ଠରେ ଜନ୍ମ ନେଇଥିଲେ ପ୍ରଭୁ ଶ୍ରୀକୃଷ୍ଣ। ଏଥିପାଇଁ ଗାଁଠାରୁ ସହର ଉତ୍ସବମୁଖର ହୋଇଉଠିଛି। ଏହି ଅବସରରେ ଜନ୍ମାଷ୍ଟମୀ ବୁଧବାର ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ରଣପୁର ଜଗନ୍ନାଥ ମନ୍ଦିରରେ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁମାନେ ଉପବାସ ରଖିବା ସହ କୃଷ୍ଣ, ବଳରାମଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ରଣପୁର ପଞ୍ଚୁଦୋଳ ପଡ଼ିଆର ରାମ ମନ୍ଦିରରେ ରାଧାକୃଷ୍ଣ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଜମିଥିଲା। ମନ୍ଦିରରେ ରଙ୍ଗ ବେରଙ୍ଗର ଆକର୍ଷଣୀୟ ଆଲୋକ ସଜ୍ଜାକୁ ଦେଖିବାକୁ ମିଳିଥିଲା।

ଏହାସହ ରଣପୁରର ବିଭିନ୍ନ ବିଦ୍ୟାଳୟରେ ଜନ୍ମଷ୍ଟମୀ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ କୃଷ୍ଣ ଓ ରାଧା ବେଶରେ ବିଦ୍ୟାଳୟକୁ ଆସିଥିଲେ। ବିଦ୍ୟାଳୟରେ ପାରମ୍ପରିକ ରୀତିରେ ପ୍ରାର୍ଥନା ପରେ ଧୂପ, ଦୀପ, ଫୁଲ, ଚନ୍ଦନ ଦେଇ ଭଗବାନ ଶ୍ରୀକୃଷ୍ଣଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ କୃଷ୍ଣ,ରାଧା ବେଶଧାରୀ ପିଲାମାନେ ବଜାର ପରିକ୍ରମା କରିଥିଲେ। ଏହାପରେ ବିଦ୍ୟାଳୟରେ ରାଧାକୃଷ୍ଣଙ୍କ ରାସ ନୃତ୍ୟ ମନମୁଗ୍ଧ କରିଥିଲା। ମଦନମୋହନ ବିହାର ଗୋପାଳପୁର ସରସ୍ୱତୀ ଶିଶୁ ମନ୍ଦିର ସମ୍ପାଦକ ବାଳକୃଷ୍ଣ ଷଡଙ୍ଗୀ ଏହାକୁ ଆୟୋଜନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ଅନୁପମା ଦାଶ, କଳ୍ପନା ପାଇକେରା, ସୁଲୋଚନା ପ୍ରଧାନ, ସ୍ୱୟଂପ୍ରଭା ସାହୁ ଗୁରୁମାମାନେ ସହଯୋଗ କରିଥିଲେ। ସେହିପରି ଚାରିଅଟ ପବ୍ଲିକ ସ୍କୁଲରେ ମଧ୍ୟ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ସ୍କୁଲର ପିଲାମାନେ ଆକର୍ଷଣୀୟ ରାଧା, କୃଷ୍ଣ, ନନ୍ଦ, ଗୋପାଳ ଇତ୍ୟାଦି ବେଶରେ ସୁସଜ୍ଜିତ ହୋଇ ନଗର ପରିକ୍ରମା କରିଥିଲେ। ବିଦ୍ୟାଳୟର ଶିଶୁମାନଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକମାନେ ଶ୍ରୀକୃଷ୍ଣଙ୍କ ଜନ୍ମଲୀଳା ବିଷୟରେ ଆଲୋଚନା, ଭଜନ, କୀର୍ତ୍ତନ କରିଥିଲେ। ସ୍କୁଲରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା କୃଷ୍ଣଙ୍କ ଜୀବନ ଚରିତ ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ସ୍କୁଲର ଚେୟାରମ୍ୟାନ ପ୍ରଭାତ କୁମାର ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ପ୍ରଧାନଙ୍କ ସହିତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହାକୁ ଦେଖିବା ପାଇ ସ୍କୁଲରେ ଅଭିଭାବକଙ୍କ ଭିଡ ପରିଲକ୍ଷିତ ହୋଇଥିଲା।

## ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ଉତ୍ସବ



ଗଣିଆ, ୬।୯(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକର ବିଭିନ୍ନ ମନ୍ଦିର, ଗ୍ରାମ ଓ ଶିକ୍ଷାନୁଷ୍ଠାନରେ ବୁଧବାର ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଜନ୍ମାଷ୍ଟମୀ ଉପଲକ୍ଷେ ମାଳତିପୁଟ, କୁମ୍ଭୀରଖଣି, ଛାମୁଣ୍ଡିଆ, ହରିପୁର, ରାସଙ୍ଗ, ଗଣିଆସ୍ଥିତ ଶ୍ରୀରାଧାକୃଷ୍ଣ ମନ୍ଦିରରେ ଠାକୁରଙ୍କ ଦର୍ଶନ ନିମନ୍ତେ ସକାଳୁ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ସନ୍ଧ୍ୟା ସମୟରୁ ମଧ୍ୟରାତ୍ର ପର୍ଯ୍ୟନ୍ତ ମନ୍ଦିର ଓ ବିଭିନ୍ନ ଗ୍ରାମରେ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଥିଲା। ସେହିପରି ବିଭିନ୍ନ ଶିକ୍ଷାନୁଷ୍ଠାନରେ ପିଲାମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଥିବା ଦେଖିବାକୁ ମିଳିଛି। ଗଣିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପିଲାମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ଗଣିଆ ଗ୍ରାମ ଓ ବଜାର ପରିକ୍ରମା କରିଥିଲେ।

## ବିଦ୍ୟୁତ୍ ଆଘାତରେ ବୃଦ୍ଧଙ୍କ ମୃତ୍ୟୁ

କୋଦଳା,୬।୯(ଅମିତ କୁମାର ପଟ୍ଟନାୟକ)

କୋଦଳା ଏନ୍ଏସି ଅନ୍ତର୍ଗତ ବେଲପଡା ଗ୍ରାମରେ ବୁଧବାର ସକାଳେ ବିଦ୍ୟୁତ ଆଘାତରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର କନ୍ଧ ରାଉତ। ଗ୍ରାମରେ ଥିବା ଏକ ବିଜ୍ଞାପନ ହୋର୍ଡ଼ିଂରେ କୌଣସି କାରଣ ବଶତଃ ବିଦ୍ୟୁତ୍ ସଂଯୋଗ ହୋଇଯାଇଥିଲା। କନ୍ଧ ଏହାର ସଂସ୍ପର୍ଶରେ ଆସିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କୋଦଳା ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ଏ ନେଇ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଗୋଷ୍ଠୀ ବିବାଦ, ପୋଲିସକୁ ଘେରିଲେ ମହିଳା

କୁକୁଡ଼ାଖଣ୍ଡି,୬।୯(ପ୍ରତାପ ସାହୁ)

ପୂର୍ବ ଶତ୍ରୁତାକୁ ଦୁଇ ସାହି ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ସୋମବାର କମାପଲ୍ଲୀର କିଛି ଯୁବକଙ୍କ ଆକ୍ରମଣରେ ବଡ଼ହରିଜନ ସାହିର ନାରାୟଣ ଦାସ ଆହତ ହୋଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଅପରପକ୍ଷରେ ମଙ୍ଗଳବାର ରାତିରେ ବଡ଼ ହରିଜନ ସାହିର ଜଣେ ଯୁବକ ସାଇକେଲ ଚଲାଉଥିବା ବେଳେ ଉମା ଦାସ ନାମକ ଜଣେ ଯୁବକଙ୍କ ଦେହରେ ବଜାଇ ଦେଇଥିଲା। ପୂର୍ବରୁ ସାହି ବିବାଦ ଥିବାରୁ ବସ୍ତିର କିଛି ଯୁବକ ଆସି ଉମା ଦାସଙ୍କୁ ଆକ୍ରମଣ କରିଥିଲେ। ଉମାଙ୍କ ମା' ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୮୭/୨୩ ମାମଲା ରୁଜୁ କରି ହରିଜନ ସାହିକୁ ତଦନ୍ତ ନିମନ୍ତେ ଯାଇଥିଲା। ଉକ୍ତ ସାହିର ବହୁ ମହିଳା ପୋଲିସକୁ ଘେରିଯିବାରୁ ପୋଲିସ କାହାରିକୁ ଗିରଫ କରି ନପାରି ଫେରିଆସିଥିବା ଏସଡିପିଓ ଶିବ ଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି।

## ପ୍ରକଳ୍ପ ଶିଳାନ୍ୟାସ, ଉଦ୍‌ଘାଟନ କଲେ ବିଧାୟିକା

ଆସିକା,୬।୯ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକର ବାବନପୁର ଗ୍ରାମରେ ବୁଧବାର ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଦ୍ୱାରା ବହୁ ପ୍ରକଳ୍ପର ଶିଳାନ୍ୟାସ ସହ ଉଦ୍‌ଘାଟନ ହୋଇଥିଲା । ବିଧାୟିକା ଠାକୁରାଣୀ ମନ୍ଦିରର କଲ୍ୟାଣ ମଣ୍ଡପର ଉଦ୍‌ଘାଟନ କରିଥିଲେ । ଏଥିସହ ଗ୍ରାମର କୁମ୍ଭାର ସମାଜ କୋଠଘରର ସଂପ୍ରସାରଣ, ପନ୍ଦରା କଲୋନୀ ରାସ୍ତା, ଦଣ୍ଡକାଳୀ ମନ୍ଦିର ମୁଖ୍ୟଦ୍ୱାର, ରଘୁନାଥ ମନ୍ଦିର ଗନ୍ତାଘର, ଗଣେଶ ମନ୍ଦିରର ସଂପ୍ରସାରଣ, ଲକ୍ଷ୍ମୀ ମନ୍ଦିର ନିର୍ମାଣ ଓ ସୌନ୍ଦର୍ଯ୍ୟକରଣ ଏବଂ ବଜାର ଗୃହ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସମସ୍ତ ପ୍ରକଳ୍ପ ଲାଗି ସମୁଦାୟ ୩୭ଲକ୍ଷ ଟଙ୍କା ବିଧାୟିକାଙ୍କ ହାତପାଣ୍ଠିରୁ ବ୍ୟୟବରାଦ କରାଯାଉଛି। କାର୍ଯ୍ୟକ୍ରମରେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବରିଷ୍ଠ ଯୁବନେତା ଭଗବାନ ସାହୁ, ଅନିଲ କୁମାର ନାୟକ, ଦିଲ୍ଲୀପ ପାଣିଗ୍ରାହୀ, ମନୋଜ ଦୋରା, ରାଜେଶ ପଟ୍ଟନାୟକ, ଅଭିମନ୍ୟୁ ନାହାକ, ମାନସ ରଞ୍ଜନ ଗୌଡ, ସରପଞ୍ଚ ସଂଜୟ କୁମାର ନାୟକ, ସମିତିସଭ୍ୟ ସନ୍ତୋଷ କୁମାର ଜେନା, ନାମ ପ୍ରଶିକ୍ଷକ ରବିନ୍ଦ୍ରନାଥ ସାହୁ ସାମିଲ ଥିଲେ।

## ଅଙ୍ଗନୱାଡି କେନ୍ଦ୍ରରେ ଶିଶୁ କେକ୍ କାଟି କୃଷ୍ଣଙ୍କ ଜନ୍ମଦିନ ପାଳିଲେ

ନୂଆଗାଁ, ୬।୯(ଧନେଶ୍ୱର ସାହୁ)

ନୂଆଗାଁ ବ୍ଲକର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ଜନ୍ମାଷ୍ଟମୀ ପର୍ବ ପାଳିତ ହୋଇଯାଇଛି। ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ଶିଶୁମାନଙ୍କୁ ବିଭିନ୍ନ ବେଶରେ ଭୂଷିତ କରାଇ ନାଚ ଗୀତ ଆଦି କରାଯାଇଥିଲା। କୋରଡା ଅଙ୍ଗନୱାଡି-୩ କେନ୍ଦ୍ରରେ ଶିଶୁମାନଙ୍କୁ ଖୁସି କରାଇବା ପାଇଁ ଅଙ୍ଗନୱାଡି କର୍ମୀ ଓ ସହାୟିକା ଜଣେ ଶିଶୁକୁ କୃଷ୍ଣ ବେଶରେ ଓ ଅନ୍ୟମାନଙ୍କୁ ସଖୀସଖା ଆଦି ବେଶରେ ସଜ୍ଜିତ କରାଇଥିଲେ। କୃଷ୍ଣ ବେଶଧାରୀ ଶିଶୁଙ୍କ ଦ୍ୱାରା ଜନ୍ମଦିନରେ କେକ୍ କାଟି ସମସ୍ତଙ୍କୁ ବଣ୍ଟନ କରାଯାଇଥିଲା ବୋଲି ସମ୍ପୃକ୍ତ କେନ୍ଦ୍ରର ଅଙ୍ଗନୱାଡି କର୍ମୀ କହିଛନ୍ତି।




## ଚମ୍ପାଗଡ଼ ପୋଖରୀ ଖନନ, ଗାର୍ଡୱାଲ ନିର୍ମାଣରେ ଦୁର୍ନୀତି

ନୟାଗଡ/ରଣପୁର,୬।୯(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ବ୍ଲକ ଚମ୍ପାଗଡ଼ ପଞ୍ଚାୟତ ଚମ୍ପାଗଡ଼ ପୋଖରୀ ଖନନ ଓ ଗାର୍ଡୱାଲ ନିର୍ମାଣରେ ଦୁର୍ନୀତି ହୋଇଛି । ହାଇକୋର୍ଟଙ୍କ ନିର୍ଦ୍ଦେଶରେ ପୋଖରୀ ଖନନ ଓ ଗାର୍ଡୱାଲ ନିର୍ମାଣର ତଦନ୍ତ ଚାଲୁ ରହିଛି । ପ୍ରଶାସନ ପକ୍ଷରୁ ଏହାକୁ ନୂଆ ପ୍ରକଳ୍ପରେ ସାମିଲ କରି କାମ କରାଯାଉଥିଲା । ହେଲେ ମାସେ ନ ପୁରୁଣୁ ଗାର୍ଡୱାଲ ଭୁଶୁଡି ପଡିବାରୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

ଅଭିଯୋଗ ଅନୁଯାୟୀ, ଚମ୍ପାଗଡ଼ ପୋଖରୀ ଖନନ ଓ ଗାର୍ଡୱାଲ ନିର୍ମାଣରେ ଦୁର୍ନୀତି ନେଇ ସମାଜିକ କର୍ମୀ ଗଣେଶ୍ୱର ମାନ୍ଧତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ସିଆରଏଲଏମ୍ପି ୧୬୫୧/୨୦୨୨ରେ ପିଟିସନ ଦାଖଲ କରିଥିଲେ । ଏହାର ଶୁଣାଣୀ ବିଚାରପତି ବିଶ୍ୱଜିତ୍ ମହାନ୍ତି ଭିଜିଲାନ୍ସ ତଦନ୍ତ ପାଇଁ ବିଭାଗୀୟ ଆରକ୍ଷୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏପରି କି ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଦେଶ ଦେଇଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ତଦନ୍ତ ଚାଲୁ ରହିଛି । ତେବେ ତଦନ୍ତ ଚାଲୁ ବେଳେ ପୁଣି ନୂଆ ଯୋଜନାରେ ସାମିଲ କରି ଗାର୍ଡୱାଲ ନିର୍ମାଣ କରାଯାଇଥିଲା । ଯାହାକି ୧ ମାସ ମଧ୍ୟରେ କିଛି ଅଂଶ ଭୁଶୁଡି ପଡିବା ପରେ ନିମ୍ନମାନର କାମକୁ ପ୍ରମାଣିତ କରୁଛି ବୋଲି ଅଭିଯୋଗ ହୋଇଛି ।



- ଭିଜିଲାନ୍ସ ତଦନ୍ତ ବେଳେ ପ୍ରକଳ୍ପକୁ ନୂଆ ଯୋଜନାରେ ସାମିଲ
- ମାସେ ନ ଯାଉଣୁ ଭୁଶୁଡ଼ିଲା ଗାର୍ଡୱାଲ

# ୫ ବର୍ଷ ହେଲା ବସ୍ ଅପେକ୍ଷାରେ ନଗଡ଼ାବାସୀ

- ମାସେ ଚାଲି ବନ୍ଦହେଲା ବେସରକାରୀ ବସ୍
- ରାସ୍ତା ନିର୍ମାଣ ପାଇଁ ଖର୍ଚ୍ଚ ୧୩ କୋଟି
- ସରକାରୀ ବାବୁଙ୍କ ଗାଡ଼ି ପାଇଁ ଏବେ କେବଳ ଉଦ୍ଦିଷ୍ଟ

ଯାଜପୁର,୬।୯(ହର୍ଷବର୍ଦ୍ଧନ ବେହେରା)

ଶିଶୁ ଅପପୁଷ୍ଟି ପାଇଁ ଚର୍ଚ୍ଚିତ ଯାଜପୁର ଜିଲା ନଗଡ଼ାକୁ ବସ୍ ସେବା ପ୍ରତିଶ୍ରୁତି ଫସରଫାଟିଛି। ୨୦୧୭ ଅଗଷ୍ଟ ୧୧ରେ ନଗଡ଼ାବାସୀଙ୍କ ସମେତ ଆଖପାଖ ଜନସାଧାରଣଙ୍କ ପାଇଁ ବସ୍ ଚଳାଚଳ ଆରମ୍ଭ ହୋଇଥିଲା। ଦାନଗଦିଠାରେ ବିଧାୟକ ତଥା ବର୍ତ୍ତମାନର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇଙ୍କ ଉପସ୍ଥିତିରେ ମା' ନାମକ ଏକ ବେସରକାରୀ ବସ୍‌କୁ ଭବ୍ୟ ସମାରୋହରେ ଉଦ୍‌ଘାଟନ କରାଯାଇଥିଲା। ମାସେ ପର୍ଯ୍ୟନ୍ତ ବସ୍‌ଟି ସୁରୁଖୁରୁରେ ଚାଲିଥିଲା। ଏହି କ୍ରମରେ ଜୁଆଙ୍ଗ ଆଦିବାସୀମାନେ ବସ୍ ଯୋଗେ ଯାତାୟାତରେ କିଛିକାଂଶରେ ଅଭ୍ୟସ୍ତ ହୋଇପଡ଼ିଥିଲେ। ହେଲେ ଯାନ୍ତ୍ରିକ ତ୍ରୁଟି କାରଣରୁ ବସ୍‌ଟି ଆଉ ନଗଡ଼ାକୁ ଗଡ଼ି ନ ଥିଲା। ଏହାକୁ ୫ ବର୍ଷ ଅତିକ୍ରାନ୍ତ ହୋଇସାରିଛି। ହେଲେ ବସ୍‌ଟି କୁଆଡ଼େ ଉଭେଇଯାଇଛି। ନଗଡ଼ାକୁ ଯୋଗାଯୋଗ ସଂଯୋଗ କରିବାକୁ ପ୍ରାୟ ୧୩ କୋଟି ଟଙ୍କା ଖର୍ଚ୍ଚକରି ପାହାଡ଼ ଚିରି ଯେଉଁ ରାସ୍ତା ନିର୍ମାଣ ହୋଇଥିଲା ଏବେ ତାହା କେତେଜଣ ସରକାରୀ ବାବୁଙ୍କ ଗାଡ଼ିଗୁଡ଼ିକ ପାଇଁ କେବଳ ଉଦ୍ଦିଷ୍ଟ ବୋଲି ଚର୍ଚ୍ଚା ହେଉଛି।



୨୦୧୭ରେ ନଗଡ଼ାବାସୀଙ୍କୁ ବେସରକାରୀ ବସ୍ ସେବା। (ଫାଇଲ ଫଟୋ)

୨୦୧୬ ଜୁଲାଇରେ ନଗଡ଼ାରେ ଶିଶୁ ମୃତ୍ୟୁ ଘଟଣା ଲୋକଲୋଚନକୁ ଆସିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମେ ରାସ୍ତା ନିର୍ମାଣ ପାଇଁ ପ୍ରାଧାନ୍ୟ ଦିଆଯାଇଥିଲା। ଗମନାଗମନ ବିନା ବିକାଶ ଅସମ୍ଭବ ବୋଲି ସେତେବେଳେ ମତପ୍ରକାଶ ପାଇଥିଲା। ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅଶୋକଝରଠାରୁ ଲୋୟର ନଗଡ଼ା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହେଲା। ୨୦୧୭-୧୮ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ ପକ୍ଷରୁ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିପାଇଁ ୧୩ କୋଟି ୨୨ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ନିର୍ଦ୍ଧାରଣ ହୋଇଥିଲା। ତେବେ ଏହି ମୋଟା ଅଙ୍କର ଆବଣ୍ଟିତ ଅନୁଦାନକୁ ଦେଖି ବିଭାଗୀୟ ଅଧିକାରୀମାନେ ଉତ୍ସାହର ସହ କାର୍ଯ୍ୟ ସମ୍ପାଦନ କରିଥିଲେ। କେବଳ ମୋରମ ଓ ମେଟାଲରେ ରାସ୍ତା ନିର୍ମାଣକରି ଛାଡ଼ି ଦିଆଯାଇଥିଲା। ନଗଡ଼ାକୁ ଯିବା ସମୟରେ ରାସ୍ତାର ବାମ ପାର୍ଶ୍ୱରେ ଏକ ଡ୍ରେନ୍ ଖୋଳାଯାଇଥିଲା। ପାହାଡ଼ର ବର୍ଷାଜଳ ଏହି ଡ୍ରେନ୍‌ରେ ନିଷ୍କାସନ ହୋଇ ତଳକୁ ଗଡ଼ିଯିବାକୁ ଯୋଜନା ହୋଇଥିଲା। ହେଲେ ଡ୍ରେନ୍‌ରେ କଂକ୍ରିଟ୍‌କରଣ ହୋଇ ନ ଥିଲା କି ରାସ୍ତାକୁ ପିଚୁ କରାଯାଇ ନ ଥିଲା। ଫଳରେ ପରବର୍ତ୍ତୀ ସମୟରେ ଉକ୍ତ ଡ୍ରେନ୍ ପୋତିହେବା ଯୋଗୁ ବର୍ଷାପାଣିରେ ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ସହ କଟିଂଗୁଡ଼ିକ ସୃଷ୍ଟି ହୋଇଥିଲା।

ଖଣିଜ ସମ୍ପଦରେ ଭରପୂର ଜିଲାର ରତ୍ନଗର୍ଭା ଭାବେ ବିବେଚିତ ସୁକିନ୍ଦା ବ୍ଲକ ଅଞ୍ଚଳରେ ଏଭଳି ଭାବେ ଚାଲିବା ପାଇଁ ରାସ୍ତା ନ ଥିଲା। ତଳ ନଗଡ଼ା, ମଝି ନଗଡ଼ା ଓ ଉପର ନଗଡ଼ାକୁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ତଥା ପାନୀୟ ଜଳ ଭଳି ମୌଳିକ ସୁବିଧା ସାତସପନ ହୋଇଥିଲା। ଏବେ ବି ତୁମୁଣି ଏବଂ ଗୁହିଆଶାଳକୁ ରାସ୍ତା ନିର୍ମାଣ ହୋଇ ପାରିନାହିଁ। ସେଠାକାର ଗ୍ରାମବାସୀ ପାହାଡ଼ ଜଙ୍ଗଲ ଭିତରେ ପାଦଚଲା ରାସ୍ତାରେ ଯିବା ଆସିବା କରୁଛନ୍ତି। ଏବେ ବି ସେଠାରେ ସ୍ୱାସ୍ଥ୍ୟ, ଶିକ୍ଷା ଭଳି ମୌଳିକ ସୁବିଧା ଠିକ୍ ଭାବେ ପହଞ୍ଚିପାରିନାହିଁ। ଅନୁରୂପ ଭାବେ ନଗଡ଼ା ଓ ସେଠାରେ ବସବାସ କରୁଥିବା ଜୁଆଙ୍ଗ ଆଦିବାସୀ ଲୋକଙ୍କ ଅବସ୍ଥାକୁ ଯିଏ ପୂର୍ବରୁ ଦେଖିଛି ସେ ହିଁ ବିଶ୍ୱାସ କରିପାରିବ ସେତେବେଳର ସ୍ଥିତି। କେବଳ ଗମନାଗମନ ସୁବିଧା ନ ଥିବାରୁ ସରକାରଙ୍କ କୌଣସି ଯୋଜନା ନଗଡ଼ାରେ ପହଞ୍ଚିପାରି ନ ଥିଲା। ନଗଡ଼ା ଆଦିବାସୀଙ୍କ ଅର୍ଥନୈତିକ ଓ ସାମାଜିକ ବିକାଶ ସପନ ପରି ଲାଗୁଥିଲା। ସାମାଜିକ ଦାୟିତ୍ୱବୋଧକୁ ଖଣି କମ୍ପାନୀଗୁଡ଼ିକ ଭୁଲିଯାଇଥିଲେ। ନଗଡ଼ା ଶିଶୁ ମୃତ୍ୟୁ ଘଟଣା ପରେ ୨୦୧୬ ଜୁଲାଇ ଶେଷ ସପ୍ତାହ ବେଳକୁ ରାସ୍ତା ନିର୍ମାଣ କରିବାକୁ ଯୋଜନା ପ୍ରସ୍ତୁତ ହୋଇଥିଲା। ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନକୁ ଏହି ଦାୟିତ୍ୱ ସରକାର ଦେଇଥିଲେ। ୪ ମାସ ମଧ୍ୟରେ ନଗଡ଼ାକୁ ଯେପରି ଗାଡ଼ି ଚଳାଚଳ ହୋଇପାରିବ ସେଥିପାଇଁ ସରକାର ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଥିଲା। ପ୍ରଥମେ ବିଭାଗୀୟ କାର୍ଯ୍ୟ ଅନୁସାରେ ୮.୧୦୦ କି.ମି. ରାସ୍ତା ପାଇଁ ୧୨.୮୧ କୋଟି ଟଙ୍କା ଜିଲା ଖଣିଜ ପାଣ୍ଠିରୁ ମଞ୍ଜୁର ହୋଇଥିଲା। ଏବେ ସେହି ନଗଡ଼ାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ପିଚୁରାସ୍ତା ନିର୍ମାଣ ହେଉଛି। ଯେଉଁ ନଗଡ଼ାକୁ ଚାଲି ଚାଲି ଯିବା କଷ୍ଟକର ହେଉଥିଲା, ସେଠାକୁ ପହଞ୍ଚିବାକୁ ୩ରୁ ୪ ଘଣ୍ଟା ସମୟ ଲାଗୁଥିଲା। ରାସ୍ତା ନିର୍ମାଣ ହେବା ପରେ ସେଠାକୁ ମାତ୍ର ଅଧଘଣ୍ଟା ସମୟ ଲାଗୁଛି। ବିଳମ୍ବରେ ହେଲେ ବି ଏହି ସଫଳତା ବାସ୍ତବରେ ଜିଲା ପ୍ରଶାସନ ପାଇଁ ପ୍ରଶଂସନୀୟ ବୋଲି କୁହାଯାଇଥିଲା। ପରେ ବସ୍ ସେବା ମଧ୍ୟ କାର୍ଯ୍ୟକାରୀ ହୋଇଥିଲା। କିନ୍ତୁ ସେହି ବସ୍ ସେବା ଏବେ ନଗଡ଼ାବାସୀଙ୍କୁ ସ୍ୱପ୍ନ ଭଳି ଲାଗୁଛି ବୋଲି ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତି ସିଂ ରାଠୋରଙ୍କୁ ପଚାରିବାରୁ ନଗଡାକୁ ଏବେ ପିଚୁ ରାସ୍ତା କାମ ଚାଲିଛି। ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଲକ୍ଷ୍ମୀ ଯୋଜନାରେ ବସ୍ ସେବା ଯୋଗାଇ ଦେବାକୁ ଯୋଜନା ରହିଛି ବୋଲି ସେ କହିଛନ୍ତି।

# ମୁକ୍ତି ସଂଗ୍ରାମରେ ଏରସମାବାସୀଙ୍କ ଅବଦାନ ଉଲ୍ଲେଖନୀୟ

**ଏରସମା ବିପ୍ଳବ ଦିବସ ସମାରୋହ**

ଏରସମା,୬।୯(ଦୀପ୍ତିରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ସ୍ୱାଧୀନତା ସଂଗ୍ରାମୀ ସ୍ମୃତିପୀଠ ପରିସରରେ ବୁଧବାର ୮୧ତମ ଏରସମା ବିପ୍ଳବ ଦିବସ ପାଳିତ ହୋଇଯାଇଛି। ସଂକଳ୍ପ ଯୁବ ପରିଷଦ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଅଧ୍ୟକ୍ଷ ଚନ୍ଦ୍ରଜିତ ଦାସ ସଭାପତିତ୍ୱ କରିଥିଲେ। ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ ମୁଖ୍ୟ ଅତିଥି ଭାବେ ମଶାଲ ଜାଳି ଏହାକୁ ଉଦ୍‌ଘାଟନ କରି କହିଥିଲେ, ମୁକ୍ତି ସଂଗ୍ରାମରେ ଏରସମାବାସୀଙ୍କ ଅବଦାନ ଅତୁଳନୀୟ। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୌରୀଶ୍ୟାମ ନାୟକ ଏରସମା ଅଞ୍ଚଳର ଶତାଧିକ ଜନତାଙ୍କୁ ନେଇ ଶାନ୍ତି ସେବକ ସମିତି ଗଢ଼ିଥିଲେ। ମହାତ୍ମା ଗାନ୍ଧୀଙ୍କ ଡାକରାରେ ପ୍ରଭାବିତ ହୋଇ ଏରସମାର ଶତାଧିକ ସ୍ୱାଧୀନତା ସଂଗ୍ରାମୀ ୧୯୪୨ ସେପ୍ଟେମ୍ବର ୬ ତାରିଖରେ ସିହା ଲୁଣି ପାଟରେ ଲୁଣ ମାରିବା ସହ ସ୍ୱଷ୍ଟ ଦିବାଲୋକରେ ଏରସମାର ତତ୍କାଳୀନ ବ୍ରିଟିଶ୍ ଥାନାକୁ ପୋଡି ଇତିହାସ ରଚିଥିଲେ। ସେଥିପାଇଁ ସେମାନଙ୍କୁ ଅକଥନୀୟ ଅତ୍ୟାଚାର ସହିବାକୁ ପଡ଼ିଥିଲା। ଏରସମାର ବନମାଳୀ ସ୍ୱାଇଁ, ପରମାନ୍ଦ ସ୍ୱାଇଁ, କେଲୁ ଦାସ, ଝୁମ୍ପା ଦେଈ, ଶ୍ରୀବନ୍ତ ପଟ୍ଟନାୟକ ପ୍ରମୁଖ ଦେଶ ଓ ଜାତିର ମୁକ୍ତି ପାଇଁ ଜୀବନକୁ ଉତ୍ସର୍ଗ କରି ଦେଇଥିଲେ। ଏହା ଏରସମାବାସୀଙ୍କ ପାଇଁ ଗୌରବର ବିଷୟ ବୋଲି ବିଧାୟକ ଦାସ କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ କାଳିଆ ଯୋଜନାର ଉପଦେଷ୍ଟା ସାରଦା ପ୍ରସନ୍ନ ଜେନା, ଆଇନଜୀବୀ ଜୟନ୍ତ କୁମାର ବିଶ୍ୱାଳ, ଅଖିଳ ଭାରତ କୃଷକ ସଭାର ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁ, ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ପାର୍ଥସାରଥି ରାଉତ, ରାଜ୍ୟ ଓବିସି ମୋର୍ଚ୍ଚାର ଉପସଭାପତି ନୃସିଂହ ସାହୁ, ଏମ୍‌ପିଙ୍କ ପ୍ରତିନିଧି ଆଇନଜୀବୀ ଅକ୍ଷୟ ସ୍ୱାଇଁ, ଜିଲା ପରିଷଦ ସଭ୍ୟା ରାନୀ ଟୁଡ୍ଡୁ, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିମାଇଁ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ମୁକ୍ତି ସଂଗ୍ରାମରେ ଏରସମାବାସୀଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ସଭା ପ୍ରାରମ୍ଭରେ ମହାତ୍ମା ଗାନ୍ଧୀ ଓ ସଂଗ୍ରାମୀ ଗୌରୀଶ୍ୟାମ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ମଶାଲ ପ୍ରଜ୍ୱଳନ କରାଯାଇଥିଲା । ଏହି ଅବସରରେ କବି ବୈଦ୍ୟନାଥ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭିକ ଅଧିବେଶନରେ ପଣ୍ଡିତ ନାଗୁ ଚରଣ ଦେବତାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ହେମନ୍ତ କୁମାର ନାୟକ, କୈଳାସ ଚନ୍ଦ୍ର ପ୍ରଧାନ, ଡା.ତନ୍ମୟ ସେଠୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ବସନ୍ତ ମଞ୍ଜରୀ ଦାସ ଧନ୍ୟବାଦ ଦେଇଥିଲେ ।



ଏମସମା ବିପ୍ଳବ ଦିବସ ସମାରେହରେ ବିଧାୟକ ରଘୁନନ୍ଦନ ଦାସ ଓ ଅନ୍ୟ ଅତିଥିମାନେ।

## ଗୋବରୀ ନାଳରେ ପଡ଼ି ଦିନମଜୁରିଆ ମୃତ

ନାଉଗାଁ,୬।୯(ସୁଧା ବେହୁରା)

ନାଉଗାଁ ଦେଇ ଯାଇଥିବା ଗୋବରୀ ନାଳରେ ପଡ଼ି ବୁଧବାର ଜଣେ ଦିନମଜୁରିଆଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନବରଙ୍ଗପୁର ଜିଲାର ପୁରଣ ଗୌଡ। ସେ ନାଉଗାଁ ଥାନା ଅନ୍ତର୍ଗତ ଡେରିକି ଗ୍ରାମରେ ରୁହନ୍ତି। ବୁଧବାର ସକାଳୁ ପୁରଣ ଓ ତାଙ୍କ ସ୍ତ୍ରୀ ଏହି ଥାନା ଅନ୍ତର୍ଗତ କୋରୁଆ ଗ୍ରାମକୁ କାମ କରିବାକୁ ଯାଇଥିଲେ। କାମ ସାରି ମଧ୍ୟାହ୍ନ ସମୟରେ ଘରକୁ ଫେରୁଥିଲେ। ଉଭୟେ ପୁରଣସ୍ଥିତ ଗୋବରୀ ନାଳ ମଧ୍ୟରେ ଅପରପାର୍ଶ୍ୱକୁ ଯାଉଥିଲେ। ଏହି ସମୟରେ ପୁରଣଙ୍କ ଗୋଡ଼ ଖସିଯିବାରୁ ଗଭୀର ପାଣିକୁ ଚାଲିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଡେରିକି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପୁରଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଗାରୋଇ ଫାଣ୍ଡି ଅଧିକାରୀ ସୁଶାନ୍ତ ପଣ୍ଡା ଓ ନାଉଗାଁ ଥାନାଧିକାରୀ ସଂଘମିତ୍ରା ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏନେଇ ଥାନା ପକ୍ଷରୁ ଅପମୃତ୍ୟୁ ମାମଲା (ନଂ.୮/୨୩) ରୁଜୁକରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଭଗବାନ


@ ଆଦିତ୍ୟ


@ ବିଭୂତି


@ ଗଣେଶ


@ ବିପ୍ଳବ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଅନାଥ ଦିବ୍ୟାଙ୍ଗ ବାଳକ ଉଦ୍ଧାର

ଔପଦା,୬।୯ (ଧରିତ୍ରୀ ପଣ୍ଡା): ଜଣେ ଅନାଥ ଦିବ୍ୟାଙ୍ଗ ଆଦିବାସୀ ବାଳକଙ୍କୁ ଔପଦା ପୋଲିସ ଉଦ୍ଧାର କରି ଶିଶୁ ଯତ୍ନ ଅନୁଷ୍ଠାନରେ ଛାଡ଼ିଥିବା ଜଣାଯାଇଛି। ଏହି ବାଳକଙ୍କ ଘର ଔପଦା ଥାନା ଅଘିରାପଦା ପଞ୍ଚାୟତ ଲକ୍ଷ୍ମୀଶୁଳ ଗ୍ରାମରେ। ତାଙ୍କୁ ଜିଲା ଶିଶୁ ମଙ୍ଗଳ କମିଟି କାର୍ଯ୍ୟାଳୟକୁ ହସ୍ତାନ୍ତର ପରେ ମଙ୍ଗଳ କମିଟି ନିଷ୍ପତ୍ତିକ୍ରମେ ବାଳକଙ୍କୁ ରଖାଯିବ ବୋଲି ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ପକ୍ଷରୁ କୁହାଯାଇଛି।


ଜିନ୍ଦଲ ଷ୍ଟେନଲେସର ଆଇସିଡି ପରିଦର୍ଶନରେ ଆସିଥିବା ମହିଳା ଉଦ୍ୟୋଗୀ।

# ମହିଳା ଉଦ୍ୟୋଗୀଙ୍କ ଜିନ୍ଦଲ ଷ୍ଟେନଲେସ ଆଇସିଡି ପରିଦର୍ଶନ

କଳିଙ୍ଗନଗର,୬।୯(ଶୁଭାଶିଷ ରାଉତ)

କଳିଙ୍ଗନଗର ଜିନ୍ଦଲ ଷ୍ଟିଲ ପକ୍ଷରୁ ଏମ୍ଏସ୍ଏମ୍‌ଇ (ଓଡିଶା)ରେ ପଞ୍ଜୀକୃତ ମହିଳା (ରପ୍ତାନିକାରୀ) ଉଦ୍ୟୋଗୀମାନେ କଳିଙ୍ଗନଗର ଶିଳ୍ପ କ୍ଷେତ୍ର, ଦାନଗଦି,ଯାଜପୁରସ୍ଥିତ ଜିନ୍ଦଲ ଷ୍ଟେନଲେସର ଇନ୍‌ଲ୍ୟାଣ୍ଡ କଣ୍ଟେନର ଡିପୋ (ଆଇସିଡି)ପରିଦର୍ଶନ କରି ଜିନ୍ଦଲ ଷ୍ଟିଲ ଆଇସିଡି ଯାଜପୁର ମାଧ୍ୟମରେ ରପ୍ତାନୀ ପ୍ରକ୍ରିୟାକରଣ, କଷ୍ଟମ୍ସ କ୍ଲିୟରାନ୍ସର ସମ୍ଭାବନା ବିଷୟରେ ବୁଝିଥିଲେ। ପ୍ରାୟ ୨୫ ଜଣ ମହିଳା ଉଦ୍ୟୋଗୀ (ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ)ର ମୁଖ୍ୟ ସଚିବ ଶାଶ୍ୱତ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ତା ୪।୯।୨୩ ରିଖରେ ଜିନ୍ଦଲ ଷ୍ଟେନଲେସର ଆଇସିଡି ପରିଦର୍ଶନ କରିବା ସହ ଜିନ୍ଦଲ ଷ୍ଟେନଲେସର ସିନିୟର ମ୍ୟାନେଜମେଣ୍ଟ ସହ ଆଲୋଚନା କରିଥିଲେ । ଏହି ଆଲୋଚନାରେ ୟୁନିଟ୍ ହେଡ୍ ଦୀପକ ଅଗ୍ରୱାଲ ଏବଂ ଲଜିଷ୍ଟିକ ହେଡ଼ ଭି.ଭେଙ୍କଟେଶ୍ୱର ରାଓ ଉଦ୍ୟୋଗୀମାନଙ୍କୁ ସମ୍ବୋଧିତ କରିଥିଲେ। ମହିଳା ଉଦ୍ୟୋଗୀମାନେ ସେମାନଙ୍କ ଉତ୍ପାଦଗୁଡ଼ିକ ରପ୍ତାନୀ କରିବା ପାଇଁ ଆଇସିଡିର ବ୍ୟବହାର କରିବା ପାଇଁ ବିଶ୍ୱ ବାଣିଜ୍ୟ କେନ୍ଦ୍ର (ୱାର୍ଲଡ ଟ୍ରେଡ ସେଣ୍ଟର )ର ଭୁବନେଶ୍ୱର ଶାଖା ମହିଳା ଉଦ୍ୟୋଗୀମାନଙ୍କୁ ଜଣାଇଥିଲେ। ଯେହେତୁ ଏହି ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀମାନେ ଏକା ଥରକେ କଣ୍ଟେନର ଭରିହେଲା ଭଳି ଉତ୍ପାଦ ରପ୍ତାନୀ କରିବାକୁ ଅସମର୍ଥ ତେଣୁ ସେମାନଙ୍କୁ ଆଇସିଡି ଦ୍ୱାରା ଲେସ୍ ଦ୍ୟାନ୍ କଣ୍ଟେନର(ଏଲସିଏଲ)ସୁବିଧା ବିଷୟରେ ଜଣାଇ ଦିଆଯାଇଥିଲା। ଏହାଦ୍ୱାରା ସମାନ ଗନ୍ତବ୍ୟ ସ୍ଥଳକୁ ଏକାଧିକ ଉଦ୍ୟୋଗୀ ସେମାନଙ୍କ ଉତ୍ପାଦଗୁଡ଼ିକୁ କଣ୍ଟେନରରେ ରପ୍ତାନୀ କରିପାରିବେ । ଏହା ସେମାନଙ୍କ ପାଇଁ ଆର୍ଥିକ ଦୃଷ୍ଟିରୁ ଶସ୍ତା ହେବ ବୁଝି ସେମାନେ ସନ୍ତୁଷ୍ଟ ଅନୁଭବ କରିଥିଲେ । ଆଇସିଡି ଯାଜପୁର ମାଧ୍ୟମରେ ସେମାନଙ୍କ ରପ୍ତାନୀ ଆରମ୍ଭ କରିବାକୁ ସେମାନଙ୍କ ଇଚ୍ଛା ପ୍ରକାଶ କରିଥିଲେ ।

# ପ୍ରଶ୍ନବାଚୀରେ ପାରାଦୀପରୁ କେନ୍ଦୁଝର ମେମୁ ଟ୍ରେନ

- ହରିଦାସପୁର-ପାରାଦୀପ ରେଳପଥ
- ୨୦୨୦ ଜୁଲାଇରୁ ଚାଲିଲାଣି ମାଲବାହୀ ରେଳ
- ଭିତ୍ତିଭୂମି, ତଦାରଖ ଏବେ ବି ଅଧୁରା

କେନ୍ଦ୍ରାପଡ଼ା, ୬।୯(ଜଗନ୍ନାଥ ଧଳ)


ମାର୍ଶାଘାଇ ରେଳ ଷ୍ଟେଶନରେ ଟ୍ରେନ୍।

କେନ୍ଦ୍ରାପଡ଼ା ଜିଲା ମଧ୍ୟଦେଇ ୨୦୨୦ ଜୁଲାଇ୨୪ ଠାରୁ ମାଲବାହୀ ଟ୍ରେନ ଚଳାଚଳ ଆରମ୍ଭ ହୋଇଛି। ଏବେ ଦୈନିକ ୩୦ରୁ ଅଧିକ ମାଲବାହୀ ଟ୍ରେନ ଗଡୁଥିଲେ ମଧ୍ୟ ଏହି ହରିଦାସପୁର-ପାରାଦୀପ ରେଳପଥରେ ଯାତ୍ରୀବାହୀ ଟ୍ରେନ ଅଦ୍ୟାବଧି ଚଳାଚଳ ହୋଇନାହିଁ। ତେବେ ଇତିମଧ୍ୟରେ ରେଲୱେ ଟିକେଟ ହ୍ୟାକିଂ ଅଭିଯୋଗରେ ୫ ବ୍ୟକ୍ତି ଗିରଫ ହେଲେଣି। ସେହିପରି ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କର ରେଳପଥ ଦୁର୍ଘଟଣାରେ ମୃତ୍ୟୁ ହେଲାଣି। ଅପରପକ୍ଷରେ ରେଳପଥରେ ଯାତ୍ରୀବାହୀ ଟ୍ରେନ ଚଳାଚଳକୁ ନେଇ ପଟ୍ଟାମୁଣ୍ଡାଇ ବ୍ଲକ ଦେଉଳି ଗ୍ରାମର ଗୌତମ କୁମାର ବେହେରା ପୂର୍ବତଟ ରେଳ କର୍ତ୍ତୃପକ୍ଷଙ୍କୁ ଉତ୍କଳମଣି ଯୁବକ ସଂଘ ପକ୍ଷରୁ ଚିଠି ଲେଖିଥିଲେ। ଏ ସମ୍ପର୍କରେ ଡେପୁଟି ଚିଫ ଅପରେସନ୍ସ ମ୍ୟାନେଜର ଡି. ଆର. ପାଉଲଙ୍କଠାରୁ ମିଳିଥିବା ଚିଠି (୯୫/ ୨୨)ରେ ଉଲ୍ଲେଖ ଥିଲା ଯେ, ପାରାଦୀପଠାରୁ କେନ୍ଦୁଝର ପର୍ଯ୍ୟନ୍ତ ଏକ ମେମୁ ଟ୍ରେନ ଚଳାଚଳ କରିବ। ତେବେ ଏଥିପାଇଁ ଭିତ୍ତିଭୂମିର ଅଭାବ ଓ ନିରାପତ୍ତା ଆୟୁକ୍ତଙ୍କ ତଦାରଖ ଆବଶ୍ୟକ ଥିବା ଏଥିରେ ସୂଚନା ଦିଆଯାଇଥିଲା।

ଏ ସମ୍ପର୍କରେ ଗୌତମ କୁମାର ବେହେରା କହିଛନ୍ତି, ହରିଦାସପୁର-ପାରାଦୀପ ନୂଆ ବ୍ରଡଗେଜ ଲାଇନରେ ଭାୟା କେନ୍ଦ୍ରପଡ଼ା ଜିଲା ମଧ୍ୟ ଦେଇ ୨୦୨୦ ଜୁଲାଇ ୨୪ରେ ପ୍ରଥମ ପଣ୍ୟବାହୀ ରେଳ ଗଡ଼ିଥିଲା। ଏହାକୁ ଇତିମଧ୍ୟରେ ୩ ବର୍ଷ ବିତିଛି। ଅଦ୍ୟାବଧି ଯାତ୍ରୀବାହୀ ରେଳ ଗଡ଼ିନାହିଁ। ୧୯୯୬-୯୭ ଆର୍ଥିକ ବର୍ଷରେ ଏହି ରେଳ ଲାଇନ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ଦୀର୍ଘଦିନ ଧରି ଏହି ପ୍ରକଳ୍ପ ପଡ଼ି ରହିବା ପରେ ରେଳପଥ ସମ୍ପୂର୍ଣ୍ଣ ନିର୍ମାଣ ହୋଇଛି। ଯାତ୍ରୀବାହୀ ଟ୍ରେନ ଚଳାଚଳ ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏଥିପାଇଁ ରେଳ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଯୁବକ ସଂଘ ପକ୍ଷରୁ ଦାବି ପତ୍ର ଦିଆଯାଇଥିଲା। ଖୁବ୍‌ଶୀଘ୍ର ଭିତ୍ତିଭୂମି ତଦାରଖ ପରେ ମେମୁ ଟ୍ରେନ ଚଳାଚଳ କରିବ ନେଇ ଜିଲାବାସୀ ଆଶାବାଦୀ ଅଛନ୍ତି। ଏ ନେଇ କଂଗ୍ରେସ ନେତା ସୌମେନ୍ଦ୍ର ପୃଷ୍ଟି କହିଛନ୍ତି, ୨୦୨୧ରେ ଜିଲା କଂଗ୍ରେସ ପକ୍ଷରୁ ରେଳମନ୍ତ୍ରୀ, ରାଜ୍ୟପାଳଙ୍କୁ ଏ ସମ୍ପର୍କରେ ଦାବିପତ୍ର ଦିଆଯାଇଥିଲା। ଏଥିସହ ନଭେମ୍ବର ୯ରେ ରେଳରୋକୋ ହୋଇଥିଲା। ୨୦୨୦ରେ କରୋନା ସଂକ୍ରମଣ ଆରମ୍ଭ ପରେ ଏହି ଜିଲାକୁ ପ୍ରାୟ ୩ ଲକ୍ଷ ପ୍ରବାସୀ ଫେରିଥିଲେ। ସେମାନଙ୍କ ଯାତ୍ରାପଥର କଷ୍ଟ ସମ୍ପର୍କରେ ଗଣମାଧ୍ୟମରେ ବହୁଳ ଭାବେ ପ୍ରସାରିତ ହୋଇଥିଲା। ଜିଲାରୁ ଏତେ ସଂଖ୍ୟକ କର୍ମଜୀବୀ ବାହାରକୁ ଯାଉଥିବା ବେଳେ ଜିଲାରୁ ରେଳ ଚଢ଼ିବା ଅଦ୍ୟାବଧି ସମ୍ଭବ ହୋଇନାହିଁ। ଏହି ଜିଲାର କର୍ମଜୀବୀ ରେଳରେ ଚଢ଼ି ବାହାରକୁ ଯିବାକୁ ହେଲେ ନିକଟସ୍ଥ ପାରାଦୀପ, କଟକ ଅଥବା ହରିଦାସପୁର ରେଳ ଷ୍ଟେଶନକୁ ଯିବାକୁ ପଡୁଛି। ତୁରନ୍ତ କେନ୍ଦ୍ରାପଡ଼ା ଜିଲାରେ ଯାତ୍ରୀବାହୀ ରେଳ ଚଳାଚଳ ପାଇଁ ଦାବି କରାଯାଉଛି। ସାମାଜିକ କର୍ମୀ ନିହାର ରଞ୍ଜନ ପ୍ରଧାନ କହିଛନ୍ତି, ଯାତ୍ରୀବାହୀ ରେଳ ଚଳାଚଳ ପାଇଁ କେନ୍ଦ୍ରାପଡ଼ାବାସୀ ଅପେକ୍ଷା କରିଛନ୍ତି। ଓଡ଼ିଶାରୁ ଏମ୍‌ପି ହୋଇ ଯାଇଥିବା ଅଶ୍ୱନୀ ବୈଷ୍ଣବ କେନ୍ଦ୍ର ରେଳମନ୍ତ୍ରୀ ପଦବୀ ମିଳିବା ପରେ ଏହି ଦାବିକୁ ତୀବ୍ର କରାଯାଇଛି। ଯାତ୍ରୀବାହୀ ରେଳଚଳାଚଳଫଳରେ କେନ୍ଦ୍ରାପଡ଼ାବାସୀ ଯାତାୟାତ ସମସ୍ୟାର ସମାଧାନ ହେବା ସହ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ସୁଯୋଗ ମିଳିପାରିବ। ଏ ସମ୍ପର୍କରେ ପୂର୍ବତନ ରେଳପଥର ପ୍ରଶାସନିକ ଅଧିକାରୀ ନିରାକାର ଦାସ କହିଛନ୍ତି, ଯାତ୍ରୀବାହୀ ଟ୍ରେନ ଚଳାଚଳ ପାଇଁ ସମସ୍ତ ପ୍ରସ୍ତୁତି ସରିନାହିଁ। ଷ୍ଟେଶନ ଓ ସିଗନାଲ ସିଷ୍ଟମକୁ ଭଲ ଭାବେ ପରୀକ୍ଷା ପରେ ଟ୍ରେନ ଚଳାଚଳ ସମ୍ଭବ ହୋଇପାରିବ ବୋଲି ସେ ମତ ଦେଇଛନ୍ତି।

# ନୟାଗଡ଼ ବଜାରର ରୂପରେଖ ବଦଳିପାରୁନି

ନୟାଗଡ, ୬।୯ (ଲୋକନାଥ ମିଶ୍ର)


ରାସ୍ତାରେ ବ୍ୟବସାୟୀ ଓ ଲୋକେ ବାଇକ ରଖିଛନ୍ତି।

- ସହର ସୌନ୍ଦର୍ଯ୍ୟକରଣ ବାଟବଣା
- ଡ୍ରେନ୍ ପାର୍ଶ୍ୱରେ ବ୍ୟାରିକେଡ୍ ନିର୍ମାଣ, ମିଳିଲାନି ସୁଫଳ
- ଟାଉନ ପ୍ଲାନିଂରେ ସାମିଲ କରି ନବକଳେବର କରାଯାଉ

ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ଅଗଷ୍ଟ ୩୧ରେ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଇ କୁହାଯାଇଥିଲା ନୟାଗଡ଼ ସହରରେ ବିକାଶ ଚାଲିଛି। କୋଟି କୋଟି ଟଙ୍କାର କାମ ଶେଷ ହୋଇଛି। ପୁଣି କୋଟି କୋଟି ଟଙ୍କାର କାମ ହେଉଛି ବୋଲି ଭାଷଣରେ କୁହାଯାଇଥିଲା। ଏପରିକି ସହରର କଳେବର ବୃଦ୍ଧି ପାଇ ବିକାଶର ମାଇଲ ଖୁଣ୍ଟ ପାଳିଛି ବୋଲି ଭାଷଣବାଜି କରାଯାଇଥିଲା। ତେବେ ନୟାଗଡ଼ ସହର କୁହାଯାଉଥିବା ନୟାଗଡ଼ ବଜାରର ରୂପରେଖ ବଦଳି ପାରୁନି। ବିକାଶ ଏଠାରେ ନୟାଗଡ଼ର ରୂପରେଖ ବଦଳାଇବାରେ ଅସମର୍ଥ ହୋଇଛି। ଏଭଳିସ୍ଥଳେ ନୟାଗଡ଼ ସହରର ସୌନ୍ଦର୍ଯ୍ୟକରଣ ଓ ବିପର୍ଯ୍ୟସ୍ତ ଟ୍ରାଫିକ ସୁଧାରିବା ପ୍ରସ୍ତାବ ବାଟବଣା ହୋଇଯାଇଛି। କେଉଁଠି ନା କେଉଁଠି ତ୍ରୁଟି କାରଣରୁ ବଜାରର ରୂପରେଖ ବଦଳି ପାରୁନି। ଏ ନେଇ କେହି ବି ସମୀକ୍ଷା କରୁନାହାନ୍ତି। ଜିଲାପାଳ ପରେ ଜିଲାପାଳ ବଦଳୁଛନ୍ତି। ହେଲେ ଜିଲାର ସଦର ମହକୁମା ଉପେକ୍ଷିତ, ଅବହେଳିତ ହୋଇ ରହିଯାଇଛି। ଅନ୍ୟପକ୍ଷେ ଡ୍ରେନର ଉଭୟ ପାର୍ଶ୍ୱରେ ଜିଆଇର ବ୍ୟାରିକେଡ ନିର୍ମାଣ ପରେ ବି ସୁଫଳ ମିଳିଲା ନାହିଁ। ବରଂ ସବୁବେଳେ ନୟାଗଡ଼ ସହରର ଓଡ଼ଗାଁ ଛକରେ ଟ୍ରାଫିକ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଲା। ବ୍ୟାରିକେଡ ନିର୍ମାଣ ପରେ ବ୍ୟବସାୟୀଙ୍କୁ ବ୍ୟବସାୟ କରିବା ସୁବିଧା ହେଲା। ଏଣୁ ଜିଲା ସଦର ମହକୁମାକୁ ଟାଉନ ପ୍ଲାନିଂରେ ସାମିଲ କରି ନବକଳେବର କରିବାକୁ ଦାବି ଉଠିଛି।

ନୟାଗଡ଼ ଜିଲା ସଦର ମହକୁମା ହେଲ ବି ପ୍ଲାନ ମୁତାବକ ସହର ଗଠନ ହୋଇନାହିଁ। ଏଠାରେ ଟ୍ରାଫିକ୍ ସେବା ବିପର୍ଯ୍ୟସ୍ତ ରହିଛି। ପୁରୁଣା ବସ୍‌ଷ୍ଟାଣ୍ଡରେ ଗୋଲେଇ ଟ୍ରାଫିକ୍ ଛକ ଜୁଲାଇରେ ଶେଷ ହେବା ପାଇଁ ଘୋଷଣା କରାଯାଇଥିଲା। ଅଗଷ୍ଟ ଶେଷ ହୋଇ ସେପ୍ଟେମ୍ବର ଆରମ୍ଭ ହେଲା ଗୋଲେଇ ଟ୍ରାଫିକ କାମ ଆରମ୍ଭ ହୋଇପାରିନାହିଁ। ସହରରେ ଦୋକାନୀ ଓ ଉଠା ଦୋକାନୀମାନେ ଡ୍ରେନକୁ ମାଡ଼ି ରାସ୍ତା ଉପରେ ସେମାନଙ୍କ ବ୍ୟବସାୟ କରୁଥିବାରୁ ସବୁବେଳେ ରାସ୍ତା ଜାମ୍ ହୋଇ ଟ୍ରାଫିକ୍ ସେବା ବିପର୍ଯ୍ୟସ୍ତ ହୋଇ ଆସୁଛି। ପୁଣି ରାସ୍ତା ଉପରେ ବାଇକ୍ ଆଦି ଯାନବାହନ ରଖିବା ରାସ୍ତାକୁ ଅନୁରୂପ ଭାବେ ଜାମ୍ କରି ଟ୍ରାଫିକ୍ ସେବାକୁ ବିପର୍ଯ୍ୟସ୍ତ କରୁଛି। ଏଣୁ ସହରକୁ ସୌନ୍ଦର୍ଯ୍ୟକରଣ କରିବା ଓ ଟ୍ରାଫିକ୍‌ସମସ୍ୟା ଏଡ଼ାଇବା ପାଇଁ ୨୦୨୦ ନଭେମ୍ବର ୧୮ରେ ନୟାଗଡ଼ର ତତ୍କାଳୀନ ଜିଲାପାଳ ପୋମା ଟୁଡୁ ଓ ତତ୍କାଳୀନ ଏସ୍‌ପି ପ୍ରତ୍ୟୁଷ ଦିବାକର ସହର ପରିକ୍ରମା କରି ସହରର ରୂପରେଖକୁ ବଦଳାଇବାକୁ ନିଷ୍ପତ୍ତି ନେଇଥିଲେ। ରାସ୍ତାକଡ଼ରେ ବାଇକ୍‌ର ରହଣି ପାଇ ପାର୍କିଂ ବ୍ୟବସ୍ଥା କରାଯିବାକୁ ପରାମର୍ଶ ଦେଇଥିଲେ। ସହରର ଟ୍ରାଫିକ୍ ଛକ ନିକଟସ୍ଥ ଓଡ଼ଗାଁ ରାସ୍ତାର ଆରମ୍ଭରୁ ଓଡ଼ଗାଁ ଛକର ଗୁରୁ କ୍ଲଥ ଷ୍ଟୋର ପର୍ଯ୍ୟନ୍ତ ଡ୍ରେନର ଉଭୟ ପାର୍ଶ୍ୱରେ ଜିଆଇ ବ୍ୟାରିକେଡ ନିର୍ମାଣ କରିବାକୁ କହିଥିଲେ। ଏଥିରେ ସଫଳତା ମିଳିଲେ ସହରର ଅନ୍ୟ ସ୍ଥାନରେ ଡ୍ରେନର ଉଭୟ ପାର୍ଶ୍ୱରେ ବ୍ୟାରିକେଡ ନିର୍ମାଣ ହେବାକୁ ପରାମର୍ଶ ଦେଇଥିଲେ। ଏହାପରେ କାମ ଆରମ୍ଭ ହୋଇଥିଲା। ବ୍ୟାରିକେଡ ନିର୍ମାଣ ହୋଇ ସାରିବା ପରେ ବ୍ୟବସାୟୀମାନେ ଡ୍ରେନକୁ ନିଜ କବ୍‌ଜାକୁ ନେଇଗଲେ। ଉଠା ଦୋକାନୀମାନେ ବାରିକେଟ ବାହାରେ ପିଚୁ ରାସ୍ତା ଉପରେ ଉଠା ଦୋକାନର ପସରା ମେଲାଇ ବ୍ୟବସାୟ କଲେ। ପ୍ରାୟ ୩ ବର୍ଷ ହେଲା ଏସବୁ ନୀତିଦିନିଆ କଥାରେ ପରିଣତ ହୋଇଗଲା। ନୟାଗଡ଼ ମ୍ୟୁନିସିପାଲିଟି ଓ ପୋଲିସ ପକ୍ଷରୁ ଉଠା ଦୋକାନୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନାହିଁ। ତେବେ ରାସ୍ତା ଉପରେ ବାଇକ୍ ରଖିବା ନେଇ ପୋଲିସ କଡ଼ା ପଦକ୍ଷେପ ନେଇ ଫାଇନ ଆଦାୟ କରିଥିଲା। କିଛିଦିନ ପରେ ଏହା ପୁଣି ଶୀତଳଭଣ୍ଡାରରେ ରହିଯାଇଛି। ଏବେ ସହର ବିକାଶ ଦିଗରେ ଆଗେଇ ଚାଲିଥିବାରୁ ସହରର ସମସ୍ୟା କହିବାକୁ ଓ ଶୁଣିବାକୁ କାହା ପାଖରେ ସମୟ ନାହିଁ। ଏ ନେଇ କଂଗ୍ରେସ ନେତା ରଣଜିତ୍ ଦାଶ କହିଛନ୍ତି, ଆନ୍ତରିକତା ଅଭାବରୁ ନୟାଗଡ଼ ଜିଲା ସଦର ମହକୁମାର ରୂପରେଖ ବଦଳୁନି। ବିଧାୟକ, ଜିଲାପାଳ, ପୌର ପ୍ରଶାସନ ଓ ପୋଲିସ ମିଳିତ ଭାବେ ସମୀକ୍ଷା କରି ଏହାର ସମାଧାନର ବାଟ କାଢ଼ିବା ଦରକାର। ଦରକାର ପଡ଼ିଲେ ସହରବାସୀଙ୍କ ସହଯୋଗ ନେଲେ ମଧ୍ୟ ସହରବାସୀ ସ୍ୱାଗତ କରିବେ। ହେଲେ ଏ ନେଇ ପଦକ୍ଷେପ ନାହିଁ। ଭାଜପା ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ କହିଛନ୍ତି, ଜିଲାର ବିକାଶ ଜିଲାର ସଦର ମହକୁମାରୁ ଜଣାପଡ଼େ। ଏଣୁ ଜିଲା ସଦର ମହକୁମାକୁ କିପରି ସୌନ୍ଦର୍ଯ୍ୟକରଣ କରାଯିବ ସେନେଇ ସ୍ୱତନ୍ତ୍ର ଭାବେ ସମୀକ୍ଷା କରି ପଦକ୍ଷେପ ନେବା ଉଚିତ। ସିପିଆଇ(ଏମ) ନେତା ବିଶ୍ୱନାଥ ମହାପାତ୍ର କହିଛନ୍ତି, ନୟାଗଡ଼ ସହରର ଟାଉନ ପ୍ଲାନିଂ ହେବା ଦରକାର। ବଜାରର ସୌନ୍ଦର୍ଯ୍ୟକରଣ ବାକି ରହିଛି। ଟ୍ରାଫିକ୍ ଠିକ୍ ହୋଇନାହିଁ। ଆମେ ଏକ ସର୍ବଦଳୀୟ ବୈଠକ କରି ପ୍ରଶାସନକୁ ଅବଗତ କରାଇବା। ହେଲେ ନିର୍ବାଚନ ବର୍ଷ ହୋଇଥିବାରୁ କିଛି କରି ହେବନି। ଯାହା କିଛି ୨୦୨୪ ନିର୍ବାଚନ ପରେ କରାଯିବାକୁ ନିଷ୍ପତ୍ତି ନେଇଛୁ।

## ରାଧାକୃଷ୍ଣ ବେଶଧାରୀ ପିଲା ସହର ପରିକ୍ରମା କଲେ


ରାଧା କୃଷ୍ଣ ବେଶରେ କୁନି କୁନି ପିଲା।

ଦଶପଲ୍ଲା, ୬।୯(ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକର ବିଭିନ୍ନ ଅଞ୍ଚଳରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଭିନ୍ନ ମନ୍ଦିରରେ ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମ ଉତ୍ସବ ପାଳିତ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରଠାରେ ଏକ ଉତ୍ସବ ଆୟୋଜିତ ହୋଇଥିଲା। ପିଲାମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ନାଚ ଗୀତର ଆସର କରିଥିଲେ। ନଗର ପରିଭ୍ରମଣ ବେଳେ ସେମାନଙ୍କ ଅଭିଭାବକମାନେ ମଧ୍ୟ ସାମିଲ ହୋଇଥିଲେ।

## ଶ୍ରୀନୀଳମାଧବଙ୍କ ଜନ୍ମାଷ୍ଟମୀ ସ୍ୱତନ୍ତ୍ର ପୂଜାର୍ଚ୍ଚନା

ଖଣ୍ଡପଡା,୬।୯ (ଅଜୟ କୁମାର ମହାରଣା)


ଶ୍ରୀନୀଳମାଧବ ଜୀଉ।

ଖଣ୍ଡପଡା ବ୍ଲକ ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ନୀଳମାଧବ ପୀଠ ଏବଂ ରାଧାମୋହନ ଜୀଉ ମଠରେ ବୁଧବାର ଜନ୍ମାଷ୍ଟମୀ ଉତ୍ସବ ପାରମ୍ପରିକ ରୀତିରେ ପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରୀଜୀଉଙ୍କ ସକାଳ ଧୂପଠାରୁ ସନ୍ଧ୍ୟା ଧୂପ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମ ନୀତି ଅନୁଯାୟୀ ସମ୍ପନ୍ନ ହୋଇଥିଲା। ଶ୍ରୀଜୀଉଙ୍କ ସନ୍ଧ୍ୟା ଧୂପ ଅର୍ପଣ ପରେ ଜୟ ବିଜୟ ଦ୍ୱାର ବନ୍ଦ କରି ପୁରୋହିତ ପଞ୍ଚବର୍ଣ୍ଣ ମୁରୁଜରେ ସର୍ବତ୍ର ଭଦ୍ର ମଣ୍ଡଳ ପକାଇ ଥିଲେ। ନୀଳମାଧବ ଜୀଉଙ୍କ ମନ୍ଦିରରେ ବିଜେ ଶ୍ରୀକୃଷ୍ଣଙ୍କ ବିଗ୍ରହ ଗୁରୁଣ୍ଡି ଗୋପାଳ ଜୀଉଙ୍କୁ ଆଜ୍ଞାମାଳ ଦେଇ ଜନ୍ମ ଚକଡାରେ ବିଜେ କରାଯାଇଥିଲା। ପରେ ଦିଅଁ ଘରେ ଆରମ୍ଭ ହୋଇଥିଲା ଦେବକୀଙ୍କ ଗର୍ଭ ଯନ୍ତ୍ରଣାଠାରୁ ଆରମ୍ଭ କରି ଶ୍ରୀକୃଷ୍ଣଙ୍କ ଭୂମିଷ୍ଠ ହେବା ପର୍ଯ୍ୟନ୍ତ ସମସ୍ତ ବିଧି ବ୍ୟବସ୍ଥା। ପୁରୋଧା ବାସୁଦେବ ମିଶ୍ର ହୋମ କର୍ମ କରିଥିଲେ। ପରେ ରୀତିନୀତି ଅନୁଯାୟୀ ନାଭିକଟା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଶ୍ରୀକୃଷ୍ଣଙ୍କ ଜନ୍ମ ପରେ ପାରମ୍ପରିକ ରୀତି ଅନୁସାରେ ଅନ୍ଧାର ରାତିରେ ବସୁଦେବ ଭୂମିକାରେ ଥିବା ଲକ୍ଷ୍ମଣ ମିଶ୍ର କୃଷ୍ଣଙ୍କୁ ମୁଣ୍ଡରେ ଧରି ସିଂହଦ୍ୱାର ଦେଇ ଗୋପପୁର ଭାବେ ଉଦ୍ଦିଷ୍ଟ ଅରୁଣସ୍ତମ୍ଭ ନିକଟକୁ ଆସିଥିଲେ। ବାଟରେ ଉଗ୍ରସେନ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ସଞ୍ଜୀବ ମିଶ୍ର ବାଟ ଓଗାଳିବାରେ ପ୍ରଭୁ ଉଗ୍ରସେନଙ୍କୁ ଦର୍ଶନ ଦେଇଥିଲେ। ମାଳି ସୁବାସ ମହାପାତ୍ରଙ୍କ ମାଧ୍ୟମରେ ବାଇଶି ପାହାଚରେ ପାଣି ଢଳାଯାଇ ଯମୁନା ନଦୀର ଆଖ୍ୟା ଦିଆଯାଇ ବସୁଦେବ କୃଷ୍ଣଙ୍କୁ ଧରି ଯମୁନା ନଦୀ ପାର ହୋଇ ଗୋପରେ ପହଞ୍ଚି ଥିଲେ। ପରେ ପୂଜାରୀ ରବୀନ୍ଦ୍ର ନାଥ ମିଶ୍ର ଆଳତି, ଭୋଗ, ପୂଜାର୍ଚ୍ଚନା ସମ୍ପନ୍ନ କରିଥିଲେ। ଏହାପରେ ସଂକୀର୍ତ୍ତନ, କାହାଳୀ, ପାଟପଟୁଆରରେ ଛତ୍ରି ଧରି ମଶାଲ ଲଗାଯାଇ ଶ୍ରୀକୃଷ୍ଣ ମନ୍ଦିରରେ ବିଜେ ହୋଇଥିଲେ। ରାତି ପ୍ରାୟ ୧୦ଟାରେ ବଡ଼ସିଙ୍ଗାର ପରେ ଡମ୍ବରୁ ବିଜେ ହୋଇ ଠାକୁରଙ୍କ ପହଡ଼ ପଡ଼ିଥିଲା।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଭଗବାନ


@ ଆଦିତ୍ୟ


@ ଗଣେଶ


@ ବିପ୍ଳବ


@ ବିଭୂତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନାଚି, ଗାଇ ପାଳନ କଲେ ଜନ୍ମାଷ୍ଟମୀ

ନୟାଗଡ,୬।୯ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲାରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ନୟାଗଡ଼ ସହରର ଖଣ୍ଡପଡା ରୋଡରେ ଏକ ହୋଟେଲ ନୀଳମାଧବରେ ଇସ୍କନ ପକ୍ଷରୁ ଜନ୍ମାଷ୍ଟମୀ ପାଳନ କରାଯାଉଛି। ବଳଭଦ୍ରଙ୍କ ଜନ୍ମ ଦିବସ ଅଗଷ୍ଟ ୩୧ରୁ ୮ ଦିନ ଧରି ଏ ଉତ୍ସବ ପାଳନ ହେଉଛି। ତେବେ ଗୁରୁବାର ଜନ୍ମାଷ୍ଟମୀ ହେବ। ଶୁକ୍ରବାର ନନ୍ଦୋତ୍ସବରେ ଶେଷ ହେବ। ଏ ଅବସରରେ କୃଷ୍ଣ ବେଶ ପ୍ରତିଯୋଗିତା, ଶ୍ରୀକୃଷ୍ଣ ଫଟୋ ଚିତ୍ର ଅଙ୍କନ କରାଯାଇଛି। ପ୍ରତ୍ୟେହ ଭଗବତ ଶ୍ଳୋକର ଆବୃତ୍ତି କରାଯାଉଛି। ପୁଣି ଭଗବତ ପଠନ କରାଯାଉଛି। ବୁଧବାର ରାତି ୧୨ଟା ପରେ ଶ୍ରୀକୃଷ୍ଣଙ୍କ ଜନ୍ମ ପରେ ଉପବାସ କରିଥିବା ଭକ୍ତ ମହାଭିଷେକ ପରେ ଫଳମୂଳ ସେବନ କରି ଠାକୁରଙ୍କ ପର୍ବ ପାଳନ କରିବେ। ଅନ୍ୟପକ୍ଷେ ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୨୦୦ରୁ ଉର୍ଦ୍ଧ୍ୱ ଶିଶୁ ରାଧାକୃଷ୍ଣ, ଗୋପୀ, ଗୋପାଳ, କୃଷ୍ଣ, ବଳରାମ, ନନ୍ଦ, ଯଶୋଦା ବେଶ ଧାରଣ କରି ନାଚି ଗାଇ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ଶିଶୁଙ୍କର ମା' ଓ ଗୁରୁମାମାନେ ସେମାନଙ୍କୁ ବନ୍ଦାପନା କରିଥିଲେ। ଲେଙ୍କୁଡିପଡା ମଠ ମଠାଧୀଶ ପୂର୍ଣ୍ଣାନନ୍ଦ ମହାରାଜ ମା' ସରସ୍ୱତୀ ଓ ଶ୍ରୀକୃଷ୍ଣ ଭଗବାନଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି ଜଗତର କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ। ମହାରାଜ କୃଷ୍ଣ ରସ ଓ ନାମ ସଂକୀର୍ତ୍ତନ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ସମେତ ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିଭଳି ଇଟାମାଟି ସରସ୍ୱତୀ ବିଦ୍ୟା ମନ୍ଦିରରେ ୧୬୦ ଶିଶୁ ରାଧାକୃଷ୍ଣ ବେଶରେ ସ୍କୁଲକୁ ଆସିଥିଲେ। ସେମାନଙ୍କୁ ସ୍କୁଲ ଫାଟକ ନିକଟରେ ସ୍ୱାଗତ କରାଯାଇଥିଲା। ବୌଦ୍ଧିକ ମଣ୍ଡପରେ ହୋମଯଜ୍ଞ କରାଯାଇଥିଲା। ରାକେଶ ପାଣିଗ୍ରାହୀ ଭାଗବତ ପୁରାଣ ପାଠ କରିଥିଲେ। ପରେ ରାଧାକୃଷ୍ଣ ବେଶଧାରୀ ଶିଶୁଙ୍କୁ ବନ୍ଦାପନା କରାଯାଇଥିଲା। ଦୋଳି ଖେଳ, ଦହି ମାଠିଆ ଭଙ୍ଗା, ଦୋଳି ଝୁଲଣ, ନଗର ଭ୍ରମଣ, ରାଧାକୃଷ୍ଣଙ୍କୁ ବିଭିନ୍ନ ସାହିରେ ବନ୍ଦାପନା କରାଯାଇଥିଲା। ବିଦ୍ୟାଳୟର ସମ୍ପାଦକ ରଜନୀକାନ୍ତ ମିଶ୍ର ଓ ପ୍ରଧାନ ଆଚାର୍ଯ୍ୟ ପ୍ରକାଶ ଜୀବନ ପାଲ୍‌ଙ୍କ ସମେତ ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଗୋଡିପଡ଼ାରେ ରାଧାକୃଷ୍ଣ ବେଶଧାରୀ ଶିଶୁମାନେ ଗ୍ରାମ୍ୟ ପରିକ୍ରମା କରି ଜନ୍ମାଷ୍ଟମୀ ପର୍ବକୁ ପାଳନ କରିଥିଲେ। ଅନ୍ୟପକ୍ଷେ ନୟାଗଡ଼ ପୁରୁଣା ସହରର ଗୋପୀନାଥଙ୍କ ମନ୍ଦିରରେ ଜନ୍ମାଷ୍ଟମୀ ପାଳନ ହୋଇଯାଇଛି ।



ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପିଲାମାନେ ନାଚଗୀତରେ ମସ୍‌ଗୁଲ୍।

## ଖଣ୍ଡପଡ଼ାର ବିଭିନ୍ନ ମନ୍ଦିର, ବିଦ୍ୟାଳୟରେ ଜନ୍ମାଷ୍ଟମୀ


ରାଧାକୃଷ୍ଣ ବେଶରେ ଶିଶୁ ମନ୍ଦିରର ପିଲାମାନେ।

ଖଣ୍ଡପଡା,୬।୯
(ଅଜୟ କୁମାର ମହାରଣା)

ଖଣ୍ଡପଡା ସହରର ଜଗନ୍ନାଥ ମନ୍ଦିର, ଗୋପୀନାଥ ଜୀଉଙ୍କ ମନ୍ଦିର, ଖଳିସାହିସ୍ଥିତ ଜଗନ୍ନାଥ ମନ୍ଦିର, ରାଧାକୃଷ୍ଣ ମନ୍ଦିର, ଖଳିସାହି ଇସ୍କନ ମଠ, ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠ, ସିଧାମୂଳାସ୍ଥ ମଣିକର୍ଣ୍ଣିକା ପାହାଡ ନିକଟ ଗୋକୁଳାନନ୍ଦ ଜୀଉ ପୀଠ, ମହୁଲପଡ଼ା ବାତରା ମଠରେ ଜନ୍ମାଷ୍ଟମୀ ଉପଲକ୍ଷେ ମଙ୍ଗଳ ଆଳତି ପରେ ଷୋଡଶ ଉପଚାରରେ ଠାକୁରଙ୍କ ପୂଜାର୍ଚ୍ଚନା ହୋଇଥିଲା। ପରେ ହୋମ କାର୍ଯ୍ୟ ଅନୁଷ୍ଠିତ ହୋଇ ପଣ୍ଡିତଙ୍କ ଦ୍ୱାରା କୃଷ୍ଣଜନ୍ମ ଅଧ୍ୟାୟ ପଠନ କରାଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଭକ୍ତମାନେ ପୂଜାର୍ଚ୍ଚନା କରୁଥିଲେ। ଏଥିସହ ଖଣ୍ଡପଡା, ଖଳିସାହି ଗୋପାଳଜୀଉ ମନ୍ଦିର, କଣ୍ଟିଲୋ ରାଧାମୋହନ ଜୀଉ ମନ୍ଦିରରେ ଦିବା ରାତ୍ର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଖଳିସାହି ଇସ୍କନ ମଠରେ ବହୁ ଆଡମ୍ବରରେ ଠାକୁରଙ୍କ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ବିଗ୍ରହମାନଙ୍କ ନିକଟରେ ୫୬ ପ୍ରକାର ଭୋଗ ଲାଗି କରାଯାଇଥିଲା। ଦିବସବ୍ୟାପୀ ମନ୍ଦିର ପରିସରରେ ଆୟୋଜିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଅପରପକ୍ଷରେ ପବିତ୍ର ଜନ୍ମାଷ୍ଟମୀ ଅବସରରେ ବ୍ଲକ ଅନ୍ତର୍ଗତ କଣ୍ଟିଲୋ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ଖଣ୍ଡପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କୁନି କୁନି ପିଲାମାନଙ୍କୁ ରାଧାକୃଷ୍ଣ ବେଶରେ ସଜ୍ଜିତ କରାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ରାଧାକୃଷ୍ଣ ବେଶଧାରୀ ପିଲା ଗ୍ରାମ ପରିକ୍ରମା କରୁଥିବା ବେଳେ ମହିଳାମାନେ ସେମାନଙ୍କୁ ବନ୍ଦାପନା କରୁଥିବା ଦେଖିବାକୁ ମିଳିଥିଲା।

